ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani



ଯା ଦେବୀ ସର୍ବଭୂତେଷୁ...


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୩୦ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 June 2026
Vol.No. 36 ■ No.170 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ନାମଲେଖା ଚାଲୁଅଛି-୨୦୨୬
ସାଇ ସାଧନା ସେବାଶ୍ରମ
ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ
(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)
୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬
Only for ST/SC Students
(Not for Service Holders)
ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Contact No: 9437294587, 9437443950, 9937557158


# ରାମମନ୍ଦିରର ଦାନ ଚୋରି ମାମଲା: ତତ୍କାଳ ଶୁଣାଣିକୁ ମନା କଲେ ସୁପ୍ରିମକୋର୍ଟ

## ଅଭିଯୁକ୍ତଙ୍କ ପକ୍ଷରେ ଲଢ଼ିଲେ ୫ ଲକ୍ଷ ଟଙ୍କା ଜରିମାନା



ନୂଆଦିଲ୍ଲୀ,୨୯/୬ : ଅଯୋଧ୍ୟାର ଶ୍ରୀ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଚୋରି ମାମଲାର ତତ୍କାଳ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି, ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ ଶୁଣାଣି କରାଯିବ। କୋର୍ଟ ଆବେଦନକାରୀଙ୍କୁ ଏହି ମାମଲାରେ କାହିଁକି ତତ୍କାଳ ଶୁଣାଣି ଆବଶ୍ୟକ ତାହା ଉଲ୍ଲେଖ କରି କୋର୍ଟ ରେଜିଷ୍ଟ୍ରିରେ ଏକ ଚିଠି ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ପରେ, କୋର୍ଟ ଶୀଘ୍ର ଶୁଣାଣି ଦାବି ଉପରେ ବିଚାର କରିବେ ବୋଲି ଶୀର୍ଷ କୋର୍ଟ କହିଛନ୍ତି। ମାମଲାର ଶୁଣାଣି ଜୁଲାଇ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଆଇନଜୀବୀ ଅଜୟ କୁମାର ରାୟ ଏବଂ ଦିନେଶ କୁମାର ଯାଦବଙ୍କ ଦ୍ୱାରା ଦାଖଲ କରାଯାଇଛି। ଏହି ଆବେଦନରେ ଏକ ଏଫଆଇଆର ଦାଖଲ କରିବାକୁ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଯାଞ୍ଚ ଦଳ(ଏସଆଇଟି) ଗଠନ କରିବାକୁ ଦାବି କରାଯାଇଛି। ଆବେଦନକାରୀମାନେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରଶାସନ ଏବଂ ଆର୍ଥିକ କାର୍ଯ୍ୟକଳାପରେ ବ୍ୟାପକ ହେରଫେର୍ ହୋଇଥିବା ଅଭିଯୋଗ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ ଆବଶ୍ୟକ ପାଇଁ ମଧ୍ୟ ଉଲ୍ଲେଖ କରିଛନ୍ତି। ଆବେଦନରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଯାଞ୍ଚ ଦଳ କୌଣସି ଅପରାଧିକ ମାମଲା ରୁଜୁ ନକରି ତଦନ୍ତ ଆରମ୍ଭ କରିଛି, ଯାହା ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି। ଦାନ ଚୋରି ଅଭିଯୋଗ ଆସିବା ପରେ ଜୁନ୍ ୧୩ ତାରିଖରେ ରାଜ୍ୟ ସରକାର ଏସଆଇଟି ଗଠନ କରିଥିଲେ। ଏସଆଇଟି ଜୁନ୍ ୨୩ ତାରିଖରେ ସରକାରଙ୍କୁ ଏହାର ପ୍ରାରମ୍ଭିକ ରିପୋର୍ଟ ଦାଖଲ କରିଥିଲା । ବିଚାରପତି ଏମ୍ଏମ୍ ସୁନ୍ଦରେଶ ଏବଂ ଶୀଳ ନାଗୁଙ୍କ ଖଣ୍ଡପୀଠ ଆବେଦନର ତତ୍କାଳ ଶୁଣାଣି ପାଇଁ କରାଯାଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ◆◆ପୃଷ୍ଠା ୭

# ୩ ଦଶନ୍ଧି ପରେ ୟାସିନ୍ ମଲିକ ବିରୋଧରେ ଚାର୍ଜସିଟ୍ ଦାଖଲ



ନୂଆଦିଲ୍ଲୀ,୨୯/୬ : ଜମ୍ମୁ-କାଶ୍ମୀରରେ ୩ ଦଶନ୍ଧିରୁ ଅଧିକ ପୁରୁଣା କାଶ୍ମୀରୀ ପଣ୍ଡିତ ନର୍ସ ସରଳା ଭଟ୍ଟଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ତଦନ୍ତକାରୀ ସଂସ୍ଥା ବଡ଼ ପଦକ୍ଷେପ ନେଇଛି । ଜେକେଏଲ୍ଏଫ୍ର ପାଞ୍ଚଜଣ ଆତଙ୍କବାଦୀଙ୍କ ବିରୋଧରେ ସୋମବାର ଚାର୍ଜସିଟ୍ ଦାଖଲ ହୋଇଛି। ୧୯୯୦ ମସିହାରେ କାଶ୍ମୀରୀ ପଣ୍ଡିତ ନର୍ସ ସରଳା ଭଟ୍ଟଙ୍କ ଅପହରଣ ଓ ଅତି ବୀଭତ୍ସ ଭାବେ ହତ୍ୟା ମାମଲାରେ ଦାଖଲ ହୋଇଥିବା ୭୩୭ ପୃଷ୍ଠାର ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଥିବା ପ୍ରମୁଖ ପ୍ରମାଣ ମଧ୍ୟରେ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ଫରେନସିକ୍ ପ୍ରମାଣ ଓ ପୂର୍ବତନ ଜମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ (ଜେକେଏଲଏଫ୍) ଆତଙ୍କବାଦୀ ବିଟ୍ଟା କରାଟେଙ୍କ ଏକ ପ୍ରାମାଣିକ ସାକ୍ଷାତ୍କାର ରହିଛି। ଜମ୍ମୁ-କାଶ୍ମୀରର ସ୍ୱତନ୍ତ୍ର ତଦନ୍ତ ସଂସ୍ଥା (ଏସ୍ଆଇଏ) ଦ୍ୱାରା ଶ୍ରୀନଗରର ଏକ ସ୍ୱତନ୍ତ୍ର ଟାଡା କୋର୍ଟରେ ଦାଖଲ କରାଯାଇଥିବା ଚାର୍ଜସିଟ୍‌ରେ ପୂର୍ବତନ ଜେକେଏଲ୍ଏଫ୍ କମାଣ୍ଡର ୟାସିନ ମଲିକ ସମେତ ପାଞ୍ଚ ଜଣ ଅଭିଯୁକ୍ତଙ୍କ ନାମ ରହିଛି। ପାଞ୍ଚ ଜଣଙ୍କ ମଧ୍ୟରୁ ଅଦ୍ୟାବଧି ତିନି ଜଣଙ୍କର ମୃତ୍ୟୁ ହୋଇସାରିଛି, ଜଣେ ଫେରାର ଅଛି ଓ ମଲିକ ବର୍ତ୍ତମାନ ଏକ ଆତଙ୍କବାଦ-ଫଣ୍ଡିଂ ମାମଲାରେ ଦିଲ୍ଲୀର ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛି। ଏସ୍ଆଇଏ ମଲିକଙ୍କୁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଦର୍ଶାଇଛି। ଶ୍ରୀନଗର ଟାଡା କୋର୍ଟରେ ଦାୟର ହୋଇଥିବା ଚାର୍ଜସିଟ୍‌ରେ କୁହାଯାଇଛି ଯେ, ଏହା ଜେକେଏଲ୍ଏଫ୍ ଦ୍ୱାରା ୧୯୯୦ରେ କାଶ୍ମୀରୀ ପଣ୍ଡିତଙ୍କ ବିରୋଧରେ ଟାର୍ଗେଟ୍ କିଲିଂ ଘଟଣା ଥିଲା। ଏହାର ଉଦ୍ଦେଶ୍ୟ କାଶ୍ମୀରୀ ପଣ୍ଡିତଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ଓ ସେମାନଙ୍କୁ କାଶ୍ମୀର ଉପତ୍ୟକା ଛାଡ଼ି ଚାଲିଯିବାକୁ ବାଧ୍ୟ କରିବା। ୧୯୯୦ ଏପ୍ରିଲ ୧୮ ତାରିଖରେ ସରଳାଙ୍କୁ ଅପହରଣ କରାଯାଇଥିଲା। ସରଳା ଏସ୍‌କେଆଇଏମ୍ଏସ୍ ହସ୍ପିଟାଲରେ ନର୍ସ ଥିଲେ। ସେ ହସ୍ପିଟାଲରେ ଡ୍ୟୁଟି ସାରି ଯାଉଥିବାବେଳେ ତାଙ୍କୁ ଅପହରଣ କରିନିଆଯାଇଥିଲା। ସରଳାଙ୍କୁ ଇଲାହିବାଗ-ଲାଲ ବଜାର ଅଞ୍ଚଳକୁ ନେଇଯାଇ ବିଭିନ୍ନ ପ୍ରକାର ନିର୍ଯାତନା ଓ ଦୁଷ୍କର୍ମ କରାଯାଇଥିଲା। ◆◆ପୃଷ୍ଠା ୭

# ରାଜଧାନୀରେ ପୁଣି ଗଡ଼ିଲା ମୁଣ୍ଡ: ଲୁହା ରଡ୍‌ରେ ପିଟି ପିଟି ଯୁବକଙ୍କୁ ହତ୍ୟା

ଭୁବନେଶ୍ୱର, ୨୯/୬ (ନି.ପ୍ର): ରାଜଧାନୀରେ ଗଡ଼ିଲା ମୁଣ୍ଡ। ଲୁହା ରଡ୍‌ରେ ପିଟି ପିଟି ଯୁବକଙ୍କୁ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲ୍ଲାର କୃଷ୍ଣଚନ୍ଦ୍ର ପାଢ଼ୀ। ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ଗତକାଲି ରାତିରେ ହଠାତ ଦୁଇ ଜଣ ମୁଖା ପିନ୍ଧା ବ୍ୟକ୍ତି କୃଷ୍ଣଚନ୍ଦ୍ରଙ୍କ ଘର ଭିତରକୁ ପଶିଥିଲେ। ବାପା ହିମାଂଶୁ ପାଢ଼ୀ, ଭଉଣୀ ତାପସୀ ପାଢ଼ୀ ଓ କୃଷ୍ଣଚନ୍ଦ୍ର ପାଢ଼ୀଙ୍କୁ ଲୁହା ରଡ଼ରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। କୃଷ୍ଣଚନ୍ଦ୍ର ଏମବିଏ ପଢୁଥିବା ବେଳେ, ଭଉଣୀ ଛତ୍ରପୁରରେ ଅଧ୍ୟାପିକା ଓ ବାପା କୋଳଥିଆରେ ଥିବା ଏକ ମନ୍ଦିରରେ ପୂଜକ ଭାବେ କାମ କରନ୍ତି। ତ୍ୱେ କେଉଁ କାରଣରୁ ହତ୍ୟାକାଣ୍ଡ ଘଟିଲା, ତାକୁ ନେଇ ତନାଘନା ଆରମ୍ଭ କରିଛି ପୁଲିସ। ଘଟଣାସ୍ଥଳରେ ଡିସିପି ଓ ତାଙ୍କ ଟିମ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। କେବଳ ସର୍ଭେ ନୁହେଁ, ରାଜଧାନୀର ଟ୍ରାଫିକ ସମସ୍ୟା ଦୂର କରିବାକୁ ବଡ଼ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟ ଆଗକୁ ବଢୁଛି। ପ୍ରାୟ ୨ ହଜାର କୋଟି ଟଙ୍କା ବ୍ୟୟରେ ୩୧ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ରାସ୍ତା ସମ୍ପ୍ରସାରଣ, ଦୟା ୱେଷ୍ଟ କେନାଲ କରିଡର, ନୂଆ ସଡ଼କ ସଂଯୋଗ ଏବଂ ବିକଳ୍ପ ରୁଟ୍ ଭଳି ପଦକ୍ଷେପ ଆଗାମୀ ଦିନରେ ଟ୍ରାଫିକ ଚାପ କମାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ସିଏମଓରୁ ହଜିଥିବା ଫାଇଲ୍ ବାହାର କରିବାର ଆବଶ୍ୟକତା ରହିଛି: ଜୟନାରାୟଣ


ଭୁବନେଶ୍ୱର, ୨୯/୬ (ନି.ପ୍ର): ସିଏମଓରୁ ଫାଇଲ୍ ଚୋରି ହେବା ପ୍ରସଙ୍ଗକୁ ନେଇ ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ହଜିଥିବା ଫାଇଲ୍ ବାହାର କରିବାର ଆବଶ୍ୟକତା ରହିଛି। ରିପୋର୍ଟ ନମିଳିଲେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ଦିଗ ବାହାରିବନି। ବିଭାଗର ରେଜିଷ୍ଟାର ନିଶ୍ଚୟ ଉଲ୍ଲେଖ ରହିଥିବ କିଏ ଫାଇଲ୍ ନେଇଛି। ରେଜିଷ୍ଟାରରେ ଯାହା ନାଁ ଥିବ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ରାଜ୍ୟରେ ଘଟିଥିବା ଅନ୍ୟାନ୍ୟ ହତ୍ୟାକାଣ୍ଡର ମଧ୍ୟ ତଦନ୍ତ କରାଯାଉ। ନବ ଦାସ, ମମିତା ମେହେର ଆଦି ହତ୍ୟାକାଣ୍ଡର ପୁନଃ ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି।

# ସ୍ନାନବେଦୀରୁ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ, ୨୯/୬ (ନି.ପ୍ର): ଭବ୍ୟ ପରିବେଶ, ଦିବ୍ୟ ଦୃଶ୍ୟ। ସ୍ନାନ ମଣ୍ଡପରେ ଶ୍ରୀବିଗ୍ରହଙ୍କ ଦୁର୍ଲଭ ହାତୀ ବେଶ ଦର୍ଶନରେ କୃତ୍ୟ କୃତ୍ୟ ଭକ୍ତ। ଅପୂର୍ବ ଦୃଶ୍ୟ, ଆଉ ସେଇ ଅବର୍ଣ୍ଣନୀୟ ଅନୁଭୂତି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିଛନ୍ତି ଭାବର ଠାକୁର। ୯ ଦିନିଆ ଘୋଷଯାତ୍ରାର ଆଦ୍ୟପର୍ବ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଲାଗି ଆଜି ରାତି ପ୍ରାୟ ୩ଟାରୁ ଲୋକରାଣ୍ୟ ହୋଇଥିଲା ପୁରୀ ବଡ଼ଦାଣ୍ଡ। ଆକାଶ ସିନ୍ଦୁରା ଫାଟିବା ଆଗରୁ ଭକ୍ତଙ୍କ ଗହଳିରେ ଫାଟି ପଡୁଥିଲା ପୁରୀ ସହର। ଏପଟେ ପରମ୍ପରା ଅନୁସାରେ ଆରମ୍ଭ ହୋଇଥିଲା ସ୍ନାନଯାତ୍ରାର ବିଧି ବିଧାନ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଭୋର ୫ଟାରୁ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ପ୍ରଥମେ ଚକ୍ରରାଜ ସୁଦର୍ଶନ, ତା ପରେ ବଡ଼ଭାଇ ବଳଭଦ୍ର, ପରେ ଗେହ୍ଲି ଭଉଣୀ ସୁଭଦ୍ରା। ଆଉ ଶେଷରେ ହଳିଝୁଲି ମଞ୍ଚସ୍ନାନ ପାଇଁ ସ୍ନାନବେଦୀ ଉଭା ହୋଇଥିଲେ କାଳିଆ ସାଆନ୍ତ। ସ୍ୱତନ୍ତ୍ର ବିମାନରେ ଆସି ଠାକୁରଙ୍କ ଛେରା ପହଁରା ନୀତି କିରଥିଲେ ଗଜପତି ମହାରାଜା। ପରେ ପରେ ସ୍ନାନ ମଣ୍ଡପରେ ସମ୍ପନ୍ନ ହୋଇଥିଲା ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ଅବକାଶ ପୂଜା ଆଦି ଦୈନନ୍ଦିନ ସେବାନୀତି। ପରେ ସୁନାକୂଅରୁ ୧୦୮ କୁମ୍ଭର ସୁବାସିତ ଜଳରେ ଆରମ୍ଭ ହୋଇଥିଲେ ଶ୍ରୀଜିଉଙ୍କ ଦିବ୍ୟ ସ୍ନାନ। ଆଉ ଏହାର କିଛି ସମୟ ପରେ ହାତୀବେଶରେ ସଜ୍ଜିତ ହୋଇ ଦିବ୍ୟ ଦର୍ଶନ ଥିଲେ ତିନିଠାକୁର। ମହାପ୍ରଭୁଙ୍କ ଏ ଦୁର୍ଲଭ ଦର୍ଶନ ପାଇଁ ପୁରୀରେ ସୋରିଷ ପକାଇବାକୁ ଟିକିଏ ବି ଜାଗା ନଥିଲା। ସ୍ନାନ ଯାତ୍ରାର ପହଣ୍ଡି ନୀତି ସୋମବାର ସକାଳ ୫ଟାରୁ ୭ଟା ଭିତରେ ସାରିବାକୁ ପୂର୍ବରୁ ନୀତି ନିର୍ଘଣ୍ଟ ହୋଇଥିଲା। ଆଉ ଚଳିତ ବର୍ଷ ସବୁ ନୀତିକୁ ଶୃଙ୍ଖଳିତ ଭାବେ ସଂପନ୍ନ କରୁଥିଲା ଶ୍ରୀମନ୍ଦିର ପ୍ରଶାସନ। ସକାଳ ସାଢେ ୭ଟା ସୁଦ୍ଧା ସ୍ନାନ ବେଦୀକୁ ବିଜେ କରିସାରିଥିଲେ ଚତୁର୍ଦ୍ଧା ମୂରତି। ◆◆ପୃଷ୍ଠା ୭

# ବିଜେଡିରେ ମିଶିବା ପରେ ସୁଜାତାଙ୍କୁ ଭେଟିବାକୁ ଶଙ୍ଖ ଭବନରେ ଭିଡ଼: ଆଗକୁ ମିଳିପାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ



ଭୁବନେଶ୍ୱର, ୨୯/୬ (ନି.ପ୍ର): ବିଜେଡିରେ ସୁଜାତା ରାଉତଙ୍କ ଯୋଗଦାନକୁ ନେଇ ଦଳ ଭିତରେ ଉତ୍ସାହ । ଶୁନଶାନ ରହୁଥିବା ଶଙ୍ଖ ଭବନ ଏବେ ଚଳ ଚଞ୍ଚଳ । ଶଙ୍ଖ ଭବନ ରେ ବସୁଛି ସୁଜାତାଙ୍କ ଦରବାର। ସୁଜାତାଙ୍କୁ ଭେଟିବାକୁ ଲାଗୁଛି ନେତାଙ୍କ ଭିଡ଼। ଏବେଠୁ ସଧାରଣ କର୍ମୀ ସୁଜାତାଙ୍କୁ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଲେଣି ବିଜେଡି ନେତା । ବିଜେଡିରେ ସୁଜାତା ରାଉତଙ୍କ ଏଣ୍ଟ୍ରି ପରେ ଦଳ ଭିତରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଶଙ୍ଖ ଶିବିରରେ ଉତ୍ସାହ ଜୋରଦାର । ସାଧାରଣ କର୍ମୀ ଭାବେ ବିଜେଡିକୁ ଆସିଥିବା ସୁଜାତା ଯେମିତି ସଂଜୀବନୀ ଭରି ଦେଇଛନ୍ତି। ପୂର୍ବରୁ ନବୀନ ନିବାସରେ ବସୁଥିଲା ପାଣ୍ଡିଆନଙ୍କ ଦରବାର । ନେତା ଠାରୁ କର୍ମୀ ଭେଟିବାକୁ ଲଗାଉଥିଲେ ଧାଡ଼ି। ଆଉ ଏବେ ସମାନ ଢଙ୍ଗରେ ଶଙ୍ଖ ଭବନରେ ସୁଜାତାଙ୍କ ଦରବାର ବସୁଛି । ଖାଲି ବଦଳିଛି ଠିକଣା କିନ୍ତୁ ବଦଳିନି ପୁରୁଣା ଶୈଳୀ। ବିଭିନ୍ନ ଜିଲ୍ଲାରୁ ମାଲ ମାଲ ନେତାଙ୍କ ସୁଅ ଛୁଟୁଛି । ଶଙ୍ଖଭବନରେ ଯେମିତି ସାହାଣ ମେଳା ଲାଗିଛି । ବରିଷ୍ଠରୁ କନିଷ୍ଠ ସମସ୍ତେ ହାତରେ ଫୁଲ ଧରି ଦୌଡ଼ିଆସୁଛନ୍ତି ଶଙ୍ଖ ଭବନ। ଦଳର ବରିଷ୍ଠ ନେତାମାନେ ସୁଜାତାଙ୍କ ରାଜନୈତିକ ଭୂମିକାକୁ ନେଇ ଏବେଠାରୁ ଖୋଲାଖୋଲି ମତ ରଖିଲେଣି । ◆◆ପୃଷ୍ଠା ୭

# ବନ୍ୟା ଯୋଗୁଁ ଆସାମର ଜୋନାଇରେ ଜନଜୀବନ ପ୍ରଭାବିତ

ନୂଆଦିଲ୍ଲୀ,୨୯/୬ : କ୍ରମାଗତ ବର୍ଷା ଏବଂ ଡିକାରୀ ନଦୀର ଜଳସ୍ତରରେ ହଠାତ୍ ବୃଦ୍ଧି ହେତୁ ଆସାମର ଧେମାଜୀ ଜିଲ୍ଲା ଅନ୍ତର୍ଗତ ଜୋନାଇରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି ଏବଂ ପ୍ରାୟ ୧୦୦ ଗୋରୁ ସହିତ ୧୫ ରୁ ଅଧିକ ଲୋକ ନଦୀ ମଝିରେ ଥିବା ଦ୍ୱୀପରେ ଫସି ରହିଛନ୍ତି। ସ୍ଥାନୀୟ ସୂତ୍ର ଅନୁଯାୟୀ, ଫୁଲିଯାଇଥିବା ନଦୀରୁ ପାଣି ଅନେକ ଆବାସିକ ଅଞ୍ଚଳରେ ପ୍ରବେଶ କରିଛି, ରାସ୍ତା ଏବଂ ଚାଷଜମିକୁ ପ୍ଲାବିତ କରିଛି ଏବଂ ପ୍ରଭାବିତ ଅଞ୍ଚଳର ଅନେକ ଗ୍ରାମକୁ ବିଚ୍ଛିନ୍ନ କରିଛି। ରବିବାର ସକାଳେ ନଦୀ ଦ୍ୱୀପ ଚାରିପାଖରେ ବନ୍ୟା ଜଳ ଦ୍ରୁତ ଗତିରେ ବ୍ୟାପିବା ପରେ ତେଲାମର କୋରାଇବାରି ଚାର (ନଦୀ ଶଯ୍ୟା ଅଞ୍ଚଳ) ରେ ପରିସ୍ଥିତି ଗୁରୁତର ହୋଇଯାଇଥିଲା, ଯେଉଁଠାରେ ୧୫ ରୁ ଅଧିକ ବାସିନ୍ଦା ଫସି ରହିଥିଲେ। ଜଳର ପ୍ରବଳ ପ୍ରବାହ ଏବଂ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଜଳସ୍ତର ଯୋଗୁଁ ସୁରକ୍ଷିତ ସ୍ଥାନକୁ ଯିବା କଷ୍ଟକର ହୋଇଯାଇଥିବାରୁ ସେବେଠାରୁ ପ୍ରଭାବିତ ଲୋକମାନେ ଫସି ରହିଛନ୍ତି। ◆◆ପୃଷ୍ଠା ୭

# ଦ୍ୱନ୍ଦ୍ୱ ଦୂର କଲେ ଗଣଶିକ୍ଷା ମନ୍ତ୍ରୀ: ସବୁ ସ୍କୁଲ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଠାଯିବ ସଂଶୋଧିତ କପି

ଭୁବନେଶ୍ୱର, ୨୯/୬ (ନି.ପ୍ର): ଭୁଲ୍ ବହିରେ ପିଲା କେମିତି ପଢ଼ିବେ ? ବହି ପ୍ରତ୍ୟାହାର ହେବ ନା ସେହି ବହିରେ ପଢ଼ିବେ? ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଦ୍ୱନ୍ଦ୍ୱରେ ଥିବାବେଳେ ସ୍ପଷ୍ଟ କରିଛନ୍ତି ଗଣଶିକ୍ଷାମନ୍ତ୍ରୀ। ବହି ପ୍ରତ୍ୟାହାର ହେବନି। ସବୁ ସ୍କୁଲକୁ ପଠାଯିବ ସଂଶୋଧିତ କପି। ସେହି କପି ଆଧାରରେ ପିଲା ପାଠପଢ଼ିବେ। ତ୍ରୁଟି ପୂର୍ଣ୍ଣ ବହି ପ୍ରତ୍ୟାହାର, ପୁରୁଣା ବହିରେ ପାଠ ପଢ଼ା ପାଇଁ ବିଭିନ୍ନ ସଂଗଠନର ଦାବି ପରେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ନୂଆ ପାଠ୍ୟକ୍ରମ ଅନୁସାରେ ଦୁଇ ମାସ ପଢ଼ିବା ପରେ ଏବେ କଣ କରିବେ, ସେ ନେଇ ଚିନ୍ତାରେ ପଡିଛନ୍ତି। ଏହି ଦ୍ୱନ୍ଦ୍ୱ ଦୂର କରିଛନ୍ତି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। କହିଛନ୍ତି, ଏବେ ସମସ୍ତ ବହିକୁ ପ୍ରତ୍ୟାହାର କରି ନୂଆବହି ଦେବା ସମ୍ଭବ ନୁହେଁ। ଏଣୁ ସମସ୍ତ ସ୍କୁଲ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ସଂଶୋଧିତ ବହିର କପି ପଠାଯିବ। କପି ଆଧାରରେ ପାଠ ପଢ଼ିବେ ଛାତ୍ରଛାତ୍ରୀ। କମିଟି ଯେଉଁ ୧୪ଟି ପଏଣ୍ଟ ଦେଇଛି, ସେ ଆଧାରରେ ସଂଶୋଧନ କରାଯିବ ଏବଂ ପିଲାଙ୍କୁ ପାଠ ପଢ଼ାଯିବ। ତଦନ୍ତ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ଆଗକୁ ମଧ୍ୟ ନିଆଯିବ। ତ୍ରୁଟିପୂର୍ଣ୍ଣ ବହି ପ୍ରତ୍ୟାହାର ହେବନି ବୋଲି ମନ୍ତ୍ରୀ ସ୍ପଷ୍ଟ କରିବା ପରେ ଏବେ ସଂଶୋଧିତ ପୁସ୍ତିକାକୁ ଅପେକ୍ଷା। ତେଣୁ ଯେତେ ଶୀଘ୍ର ସମ୍ଭବ ସବୁ ସ୍କୁଲକୁ ତ୍ରୁଟି ଶୂନ୍ୟ ସଂଶୋଧିତ ପୁସ୍ତିକା ଯୋଗାଇ ଦେବାକୁ ଦାବି କରିଛି ଶିକ୍ଷକ ସଂଘ। ଅନ୍ୟପଟେ ତ୍ରୁଟି ପୂର୍ଣ୍ଣ ବହି ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ପୁଣି ଦାବି ଦୋହଇରାଇଛି ବିଜେଡି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପା ଯାଇଥିବା ୫୫ଖଣ୍ଡ ନୂଆ ବହିରେ ପ୍ରାୟ ୨ହଜାରରୁ ଅଧିକ ତ୍ରୁଟି ରହିଛି। ଏହା ସାମନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ରର ଗନ୍ଧ ବାରିଥିଲେ।

B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUITMENT
Lecture in all above Branches
Lab Technician in all above Branches
Clerk & Hostel Superintendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com

# ଅଧକ୍ଷ ପ୍ରଦୀପ କୁମାର ହୋତା ଓ ଶିକ୍ଷକ ପ୍ରମୋଦ କୁମାର ନାଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା, ୨୯/୦୬ (ନି.ପ୍ର): ଝାରସୁଗୁଡ଼ା ଡିଏଭି ପରିବାର ତରଫରୁ ବନ୍ଧବହାଲ ଡିଏଭିରୁ ଅବସରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ହୋତା ଓ ଝାରସୁଗୁଡ଼ା ଡିଏଭି ଶିକ୍ଷକ ପ୍ରମୋଦ କୁମାର ନାଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଦୀର୍ଘ ତିନି ଦଶନ୍ଧି ଧରି ଜଣେ ସଫଳ ଅଧକ୍ଷ ଭାବେ ଦାୟିତ୍ୱ ସମ୍ପାଦନ ସାଙ୍ଗକୁ ଓଡ଼ିଶାରେ ଓଡ଼ିଆ ଭାଷାର ବିକାଶ ଦିଗରେ ବିଶେଷ ଭୂମିକା ନିର୍ବାହ କରିଥିବା ଭାଷା ବିଶେଷଜ୍ଞ, କଥାକାର ତଥା ଶିକ୍ଷାବିତ ପ୍ରଦୀପ କୁମାର ହୋତା ଓ ତାଙ୍କ ସହଧର୍ମିଣୀ ଉପସ୍ଥିତ ଥିଲେ । ଶ୍ରୀ ହୋତା ତାଳଚେର ଠାରୁ ଆରମ୍ଭ କରି ଝାରସୁଗୁଡ଼ା ପର୍ଯ୍ୟନ୍ତ ବିଭିନ୍ନ ଡିଏଭିରେ ଅଧକ୍ଷ ଦାୟିତ୍ୱ ତୁଲାଇବା ସହିତ ଜଣେ ଦକ୍ଷ ପ୍ରଶାସକ, ଓଡ଼ିଆ ଭାଷା ବିଶେଷଜ୍ଞ ଭାବେ ବେଶ ପରିଚିତ । ସେହିପରି ଶିକ୍ଷକତା କାର୍ଯ୍ୟକାଳ ଅବଧି ପରିସମାପ୍ତି କାରଣରୁ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ନାଥଙ୍କୁ ଔପଚାରିକ ଭାବେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଡିଏଭି ବିଦ୍ୟାଳୟର ପ୍ରଗତି କ୍ଷେତ୍ରରେ ଶ୍ରୀ ନାଥଙ୍କ ଦୀର୍ଘ ବର୍ଷର ଶିକ୍ଷକତା ଓ ସମର୍ପଣ ଭାବ ଅତୁଳନୀୟ । ଡିଏଭି ପରିବାର ତରଫରୁ ଶ୍ରୀ ହୋତା ଓ ଶ୍ରୀ ନାଥଙ୍କୁ ପୁଷ୍ପମାଲ୍ୟ, ଉପହାର ଓ ସ୍ମୃତି ଫଳକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ସଭାରେ ଅଧକ୍ଷ ଶ୍ରୀ ଦେବତାଙ୍କ ସମେତ ପ୍ରାକ୍ତନ ଶିକ୍ଷକ ଏମ.ଭି.ଏଲ.ଏନ ରାଓ ମଧ ଉପସ୍ଥିତ ଥିଲେ । ଏତଦସହିତ ଅନ୍ୟ ଡିଏଭିକୁ ସଦ୍ୟ ସ୍ଥାନାନ୍ତରିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ତଥା ଡ. ମଞ୍ଜୁଶ୍ରୀ ବେଦୁଲା, ସରିତା ମିଶ୍ର ଓ ସୁଶୋଭନ ଭୌମିକଙ୍କୁ ମଧ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ନୀଳିମା ପଟେଲ, ଅକ୍ଷୟ ପାଣି, ବିଜୟ ଦାଶ, ବିଶ୍ୱରଞ୍ଜନ ପାଢ଼ୀ, ବିଜୟ କ୍ରିଷ୍ଣା ଛତ୍ରିଆ, ପ୍ରଦୀପ ପ୍ରଧାନ, ଦୁଷ୍ମନ୍ତ ପରିଡ଼ା, ଶୁଭଦତ୍ତ ପ୍ରଧାନ, ଅଲେଖ ବିହାରୀ ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା ସଭା ସଞ୍ଚାଳନରେ ସହଯୋଗ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଭାଗିତାରେ ଶ୍ରୀ ଓ ଶ୍ରୀମତୀ ହୋତା, ଶ୍ରୀ ଦେବତା ଓ ଶ୍ରୀ ନାଥ ମିଳିତ ଭାବରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ । ସହକାରୀ ଆଞ୍ଚଳିକ ଅଫିସର ଡ. ସୁଜାତା ସାହୁ ଆଭାସୀ ମାଧମରେ ଶ୍ରୀ ନାଥଙ୍କ ସୁଖ ଶାନ୍ତିମୟ ଅବସର ଜୀବନ ଲାଗି ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ । ତାଙ୍କ ଅବସରକାଳ ତଥା ଦ୍ୱିତୀୟ ଇନିଂସ ସୁଖମୟ, ଶାନ୍ତିଯୁକ୍ତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହେଉ ବୋଲି ଶିକ୍ଷକ ଶିକ୍ଷୟିତ୍ରୀ, ଶୁଭେଚ୍ଛୁ, ଅଭିଭାବକ ମହଲ ତରଫରୁ ଈଶ୍ୱରଙ୍କୁ ପ୍ରାର୍ଥନା କରାଯାଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀ ନାଥଙ୍କୁ ବିଦ୍ୟାଳୟ ଠାରୁ ଆରମ୍ଭ କରି ତାଙ୍କ ବାସଗୃହ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନେଇ ତାଙ୍କ ଅବସର ଜୀବନର ଉତ୍ତରୋତ୍ତର କାମନା କରିଥିଲେ ।

# ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମର ସୁବର୍ଣ୍ଣପୁରରେ ଉଦ୍‌ଘାଟନ

ସୁବର୍ଣ୍ଣପୁର, ୨୯/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ନୂଆ ଟାଉନ ହଲରେ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ'ର ଉଦ୍‌ଘାଟନ କରିଥିଲେ ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଓ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା । ପ୍ରଦର୍ଶନୀରେ ମୋଟ ୨୨ଟି ଷ୍ଟଲ୍ ରହିଛି ଏବଂ ସେଥିମଧରୁ ୬ଟି ଷ୍ଟଲ୍ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ଆଜି ଠାରୁ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ । ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପକେନ୍ଦ୍ର, ସୁବର୍ଣ୍ଣପୁର, ସୁଶ୍ରୀ ସୁଷମା କରାଳି ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ ମୁନିସିପାଲିଟି ଅଧକ୍ଷା ଶ୍ରୀମତୀ ତାମାସୀ ତାମସ୍ମିତା ନାଏକ, ଏଲ୍.ଡି.ଏମ୍., ସୁବର୍ଣ୍ଣପୁର, କାର୍ତିକେଶ୍ୱର ପଣ୍ଡା ଏବଂ ଡି.ଡି.ଏମ୍., ନାବାର୍ଡ, ଡ. ସତ୍ୟସ୍ୱରୂପ ବିଦାନ୍ତ । ପ୍ରଦର୍ଶନୀ ଅବସରରେ ଉଦ୍ୟୋଗୀତା, ଋଣ ସହାୟତା, ବ୍ୟାଙ୍କିଂ ସୁବିଧା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଦକ୍ଷତା ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ସେହିପରି ବିପଣନ, ବ୍ରାଣ୍ଡିଂ, ଡିଜିଟାଲାଇଜେସନ ଓ ଉଦ୍ୟୋଗୀତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହାସହିତ ଉଦ୍ୟୋଗୀତା ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ । ପ୍ରଦର୍ଶନୀର ଶେଷ ଦିନରେ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସହିତ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯିବ । କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା ଯେ ଦେଶରେ ୪୦ କୋଟି ଲୋକ ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ କ୍ଷେତ୍ରରେ ଚାକିରି ପାଉଛନ୍ତି ।

# ପ୍ଲାଷ୍ଟିକ ବର୍ଜ୍ୟ ଗଦା କରିବା ଅଭିଯୋଗରେ ହୋଟେଲ ମାଲିକଙ୍କୁ ଜରିମାନା

ନୂଆପଡ଼ା, ୨୯/୦୬ (ନି.ପ୍ର): ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମର କଡ଼ାକଡ଼ି ଅନୁପାଳନ ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ଅଭିଯାନ ଅନ୍ତର୍ଗତ ଆଜି ପୂର୍ବାହ୍ନ ୯ଟାରେ ନୂଆପଡ଼ା ବ୍ଲକ ଅଧୀନ ଗୋଡମା ଛକ ନିକଟରେ ଥିବା ଏକ ହୋଟେଲ ଉପରେ ଚଢ଼ଉ କରାଯାଇଛି । ଚଢ଼ଉ ସମୟରେ ହୋଟେଲ ନିକଟରେ ଖୋଲା ସ୍ଥାନରେ ଏକ କ୍ୱିଂଟାଲରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ଗଦା କରାଯାଇଥିବା ଜଣାପଡ଼ିଥିଲା । ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମ ଉଲ୍ଲଂଘନ ଅଭିଯୋଗରେ ହୋଟେଲ ମାଲିକ ବିଜୟ କୁମାର ସାହୁଙ୍କ ଠାରୁ ୧୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ଯେ, ଖୋଲା ସ୍ଥାନରେ ପ୍ଲାଷ୍ଟିକ ବର୍ଜ୍ୟ ଫିଙ୍ଗିବା କିମ୍ବା ପୋଡ଼ିବା ଆଇନଗତ ଅପରାଧ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପ୍ରଚଳିତ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ନିୟମ-୨୦୨୬ ଅନୁଯାୟୀ ଏପରି ଉଲ୍ଲଂଘନକାରୀଙ୍କ ବିରୋଧରେ ଜରିମାନା ସହ ଆବଶ୍ୟକ କ୍ଷେତ୍ରରେ ବିଦ୍ୟୁତ ଓ ଜଳ ସଂଯୋଗ ବିଚ୍ଛିନ୍ନ କରିବା ସମେତ କଡ଼ା ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ଉରେ ଉପଜିଲ୍ଲାପାଳ ସୂର୍ମୀ ସୋରେନ, ଅତିରିକ୍ତ ଟ୍ରେଜେରୀ ଅଫିସର ମଧୁସ୍ମିତା ପରିଜା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା, ବିଡିଓ ରୋହିତ କୁମାର ଭୋଇ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ପାଣିଗ୍ରାହୀ, ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା, ବ୍ଲକ ସଂଯୋଜକ ଅବିନାଶ ମହାପାତ୍ର ଏବଂ ଆମସେନା ଗ୍ରାମ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ବ୍ୟବସାୟୀ, ଅନୁଷ୍ଠାନ ଓ ସାଧାରଣ ଜନତାଙ୍କୁ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମକୁ କଡ଼ାକଡ଼ି ପାଳନ କରିବା ସହ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ନୂଆପଡ଼ା ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ୧୫୮ତମ ଜୟନ୍ତୀ ପାଳିତ

ଜୟପୁର, ୨୯/୦୬ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପକ୍ଷରୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ମହାନ ଶିକ୍ଷାନୁରାଗୀ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ୧୫୮ତମ ଜୟନ୍ତୀ ଆଜି ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନସ୍ଥିତ ଅଧାପନା କକ୍ଷ–୨ରେ ଗରିମାର ସହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ଶୁଭାରମ୍ଭ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠିତ ହୋଇଥିଲା । ବି.ଏଡ୍. ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହାପରେ ଓଡ଼ିଶା ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସିପିଜିସିର ନିର୍ଦ୍ଦେଶକ ଡଃ. ପ୍ରଶାନ୍ତ କୁମାର ପାତ୍ର ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଶିକ୍ଷା ଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ ସ୍ଥାପନାରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରାଜର୍ଷିଙ୍କ ଜୀବନ, ସାହିତ୍ୟ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବିସ୍ମରଣୀୟ ଅବଦାନ ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ତାଙ୍କ ଅଭିଭାଷଣରେ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଶିକ୍ଷା ପ୍ରତି ଦୂରଦୃଷ୍ଟି ଓ ସମାଜ ଗଠନରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ । ସଭାରେ ଅଧକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ତାଙ୍କ ଅଭିଭାଷଣରେ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଆଦର୍ଶକୁ ଅନୁସରଣ କରି ଶିକ୍ଷା, ଗବେଷଣା, ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ ପରେ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା । କାର୍ଯ୍ୟକ୍ରମରେ ଜୟପୁର ସହରର ବୃଦ୍ଧିଜ୍ଜୀମାନେ ଉପସ୍ଥିତ ଥିଲେ ।

# ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ସହ ବିକ୍ରି ଚାଲିଛି ଗୁପ୍‌ଚାପ୍: ପ୍ରଶାସନର ଚଢ଼ଉ ଦାବି

ଜୟପୁର, ୨୯/୦୬ (ନି.ପ୍ର): କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ବିକ୍ରି ଚାଲିଛି ଗୁପଚୁପ୍ । କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପଡରେ ଚାଲିଛି ଜୋରସୋରରେ ଗୁପଚୁପ ବେପାର । ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ । ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ । ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଂଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରିବେଶ ମଧରେ ଗୁପଚୁପ ବିକ୍ରୀ କରୁଥିଲେ ମଧ ଯାଂଚ୍ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ ଅଭିଯୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଂଚ୍ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି । ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି । ଗୁପଚୁପ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି । ଦୈନିକ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଗୁପଚୁପ ବ୍ୟବସାୟ ଜୟପୁର ଅଂଚଳରେ ହେଉଥିବା ଆକଳନ କରାଯାଉଛି । ଓଡିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁରରେ ଗୁପଚୁପ ବେପାର କରିଆସୁଥିବା ଦେଖିବାକୁ ମିଳୁଛି । ବିନା ଫୁଡ ଲାଇସେନ୍ସରେ ଗୁପଚୁପ ବ୍ୟବସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ । ବାସ୍ତବିକ ଭାବେ ରାସ୍ତାକଡରେ ବିକ୍ରୀ ହେଉଥିବା ଗୁପଚୁପ ଓ ଖଟାପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଂଚ୍ କରିବା ଜରୁରୀ ହୋଇପଡିଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅସ୍ୱାସ୍ଥ୍ୟକର ପରିବେଶ ମଧରେ ପ୍ରସ୍ତୁତ ଓ ବିକ୍ରୀ ହେଉଥିବା ଗୁପଚୁପର ମାନ ଯାଂଚ୍ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦୃଢ ଦାବି ହୋଉଛି । ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇଥିବା ବେଳେ ଏଥି ପ୍ରତି ପ୍ରଶାସନ ନଜର ନଦେଲେ ଝାଡା ବାନ୍ତା ହେବା ଆଶଙ୍କା ଦେଖାଯାଇଛି ।

## ଅଧା କାମ ହୋଇ ମୁକୁଳା ପଡିଛି ଡ୍ରେନ

ସାକ୍ଷୀଗୋପାଳ, ୨୯/୦୬ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ସାକ୍ଷୀଗୋପାଳ ବଡ ବଜାର ମା'ମଉନେଇଁ ମନ୍ଦିର ସମ୍ମୁଖରେ ମଠସାହିକୁ ଯିବାକୁ ରହିଛି ରାସ୍ତା । ଯେଉଁଠି ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଅଧା କାମ ହୋଇ ମୁକୁଳା ପଡିଛି ଡ୍ରେନ । ଏହି ସ୍ଥାନ ସଂକୀର୍ଣ୍ଣ ହୋଇଥିବାରୁ ପ୍ରାୟତଃ ଏଠାରେ ଭିଡ଼ ଲାଗିରହେ । ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ସ୍କୁଲ ପିଲା ମଧ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି । କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀ ଓ ଠିକାଦାର ସଜାଗ ହେବାକୁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି । ତୁରନ୍ତ ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି ।

# ଖଡ଼ିଆଳ -ସିନାପାଲି ରାସ୍ତା ସମ୍ପୂର୍ଣ୍ଣ ହେବ କେବେ ?

ନୂଆପଡ଼ା, ୨୯/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ -ସିନାପାଲି ରାସ୍ତା ନିର୍ମାଣ କାମ ଚାଲିଛି । ସିନାପାଲି ଠାରୁ ନେହେନା ମିଳପଡା ପର୍ଯ୍ୟନ୍ତ କାମ ଶେଷ ହୋଇଛି । ହେଲେ ନେହେନା ମିଳପଡା ଠାରୁ ଖଡ଼ିଆଳ ତିନି କି.ମି. ମଧରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ଫୁଟ ରୁ ଚାରି ଫୁଟ ମାଟି ଖୋଳି ସମ୍ପୃକ୍ତ ଠିକା ସଂସ୍ଥା ଦୀର୍ଘ ତିନି ମାସରୁ ଅଧିକ ଦିନ ହେବ ଛାଡି ଦେଇଛି । ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ସତର୍କତା ମୂଳକ ସୂଚନା ଫଳକ ଲଗାଯାଉ ନଥିବାରୁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ଖୋଲା ଥିବା ରାସ୍ତା ଧୂଳିମୟ ହେଉଛି ଫଳରେ ସ୍ଥାନୀୟ ଜନସାଧାରଣ ଓ ପଥିକ ହଇରାଣ ହେଉଛନ୍ତି । ବିଶେଷକରି ରାତି ସମୟରେ ଖୋଲା ରାସ୍ତା, ଗଭୀର ଖାଲ ଓ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ପଡ଼ି ରହୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହା ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ଓ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ବଢୁଛି । ତୁରନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଏନେଇ ଖଡ଼ିଆଳ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ ତାହା ସମ୍ଭବ ହୋଇନଥିଲା ।

# ବିଜେପୁର ଧାନ ମଣ୍ଡିରେ ଚରମ ଅବ୍ୟବସ୍ଥା : ୬୫ ହଜାର ବସ୍ତା ଧାନ ପଡ଼ିରହିଛି, ବର୍ଷାରେ ଭିଜି ଗଜା ହେଲା ଚାଷୀଙ୍କ ଫସଲ, ଚାଷୀଙ୍କ ଆନ୍ଦୋଳନ

ନୂଆପଡ଼ା, ୨୯/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିଜେପୁର ଧାନ ମଣ୍ଡିରେ ଏବେ ଚରମ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ମଣ୍ଡି ପରିସରରେ ୬୮୫ ଜଣ ଚାଷୀଙ୍କ ପ୍ରାୟ ୬୫ ହଜାର ବସ୍ତା ଧାନ ଦୀର୍ଘ ଦିନ ଧରି ପଡ଼ି ରହିଥିବା ବେଳେ, ଗତକାଲିର ବର୍ଷାରେ ବହୁ ପରିମାଣର ଧାନ ଭିଜି ଯାଇଛି । ଫଳରେ ଅନେକ ଚାଷୀଙ୍କ ଧାନ ଗଜା ହେବା ଆରମ୍ଭ ହୋଇଥିବାରୁ ସେମାନଙ୍କ ମଧରେ ଗଭୀର ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି । ଏନେଇ ଆଜି ଶତାଧିକ ଚାଷୀ ଆନ୍ଦୋଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଚାଷୀମାନେ କହିଛନ୍ତି ଯେ, ସରକାରଙ୍କ ଧାନ କ୍ରୟ ବ୍ୟବସ୍ଥାରେ ସମନ୍ୱୟର ଅଭାବ ଏବଂ ମିଲରଙ୍କ ଦ୍ୱାରା ସମୟମତେ ଧାନ ଉଠାଣ ନ ହେବାରୁ ଏପରି ପରିସ୍ଥିତି ଉପୁଜିଛି । ମଣ୍ଡିରେ ଖୋଲା ଆକାଶ ତଳେ ହଜାର ହଜାର ବସ୍ତା ଧାନ ପଡ଼ି ରହିଥିବା ବେଳେ ବର୍ଷାରୁ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ତ୍ରିପାଲ କିମ୍ବା ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଚାଷୀମାନେ କ୍ଷତି ସହିଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ପକ୍ଷରୁ ବାରମ୍ବାର ଧାନ ଶୀଘ୍ର ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ତାହା କେବଳ ଆଶ୍ୱାସନରେ ସୀମିତ ରହିଛି । ବିଶେଷ କରି ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ମଧ ବାସ୍ତବରେ କାର୍ଯ୍ୟକାରୀ ହୋଇନଥିବାରୁ ଚାଷୀଙ୍କ ମଧରେ ଅସନ୍ତୋଷ ବଢ଼ିଛି । ଏପରି ସ୍ଥିତିରେ ସରକାର ଧାର୍ଯ୍ୟ କରିଥିବା ସମୟସୀମା ମଧରେ ସମସ୍ତ ଧାନ ଉଠାଣ ସମ୍ଭବ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ମଣ୍ଡିରେ ବିପୁଳ ପରିମାଣର ଧାନ ଜମି ରହିଥିବାରୁ ଆଗାମୀ ଦିନରେ ପୁଣି ବର୍ଷା ହେଲେ କ୍ଷତି ଆହୁରି ବଢ଼ିବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି । ଚାଷୀମାନଙ୍କ ଦାବି ହେଉଛି, ତୁରନ୍ତ ମିଲରଙ୍କୁ ଧାନ ଉଠାଣ ପାଇଁ ନିର୍ଦ୍ଦେଶ ଦିଆଯାଉ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଉ ଏବଂ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଧାନ ପାଇଁ ଚାଷୀଙ୍କ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ । ବର୍ତମାନ ଚାଷୀଙ୍କ ଆଖି ସରକାର ଓ ଜିଲା ପ୍ରଶାସନର ପରବର୍ତୀ ପଦକ୍ଷେପ ଉପରେ ରହିଛି । ସମୟ ସୀମା ମଧରେ ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବାର ଚେତାବନୀ ଦେଇଛନ୍ତି । ଏନେଇ ତହସିଲଦାର ନରସିଂହ ଗଡ଼ବା ପରିଦର୍ଶନ କରି ଚାଷୀଙ୍କ ଧାନ ଶିଘ୍ର ଉଠାଣ ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇଥିଲେ । ଦେଖାଯାଉ ଆସନ୍ତା ୫ ଦିନ ମଧରେ କିପରି ୬୫ ହଜାର ବସ୍ତା ଧାନ ଉଠାଣ ହେବ ତାହା ଦେଖିବାକୁ ବାକି ରହିଲା ।

# ପେଟ୍ରୋଲ ପମ୍ପରେ ମିଳୁ ନାହିଁ ମୁକ୍ତ ବାୟୁର ବ୍ୟବସ୍ଥା

ଜୟପୁର, ୨୯/୦୬ (ନି.ପ୍ର): ପେଟ୍ରୋଲ ପମ୍ପ ଖୋଲିବା ସମୟରେ ପେଟ୍ରୋଲିୟମ କମ୍ପାନୀମାନେ ଅନେକ ଯାନବାହାନ ଗୁଡିକର ଅତ୍ୟାବଶ୍ୟକ ସାମଗ୍ରୀର ସୁବିଧା ରଖିବା ବାଧ୍ୟତାମୂଳକ କରିଛନ୍ତି । ପମ୍ପ ଖୋଲିବା ପାଇଁ ଲାଇସେନ୍ସ ମଞ୍ଜୁର କରିବା ପୂର୍ବରୁ ଗ୍ରାହକଙ୍କ ପାଇଁ ପମ୍ପ ପରିସରରେ ଶୌଚାଳୟ, ପିଇବା ପାଣି, ଗାଡ଼ି ଚକ ଗୁଡ଼ିକରେ ପମ୍ପ ଦେବା ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ କୋରାପୁଟ ଜିଲା କୋରାପୁଟ, ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, ବୈପାରିଗୁଡା, କୋରାପୁଟରେ ଉପଖଣ୍ଡର ଅଧିକାଂଶ ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକମାନଙ୍କ ବ୍ୟବହାର ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରାଯାଉ ନଥିବା ଦେଖାଯାଇଛି । ଏପରିକି ଅନେକ ପମ୍ପରେ ଶୌଚାଳୟର ବ୍ୟବସ୍ଥା କରି ସୁଦ୍ଧା କେବଳ ସେହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଭରୁଥିବା ଗ୍ରାହକମାନଙ୍କୁ ମାଗଣା ଶୌଚାଳୟ ସୁବିଧା ଯୋଗାଉଥିବା ଦେଖାଯାଇଛି । ଜିଲାର କିଛି ପେଟ୍ରୋଲ ପମ୍ପରେ ମାଲିକମାନେ ନିଜସ ଉଦ୍ୟମରେ ମୁକ୍ତବାୟୁ ବ୍ୟବସ୍ଥା କରିଥିବାବେଳେ ଅଧିକାଂଶ ପମ୍ପରେ ଏହା କେବଳ ଧର୍ମକୁ ଆଖି ଠାର ଭଳି ରଖାଯାଇଛି । ଏପରିକି କିଛି ପମ୍ପରେ ଏଭଳି ବ୍ୟବସ୍ଥା ଆରମ୍ଭରୁ କାର୍ଯ୍ୟକ୍ଷମ କରାଯାଇ ନଥିବା ଦେଖାଯାଇଛି । ଯାହାକୁ ନେଇ ଲୋକଙ୍କ ମଧରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କୋରାପୁଟ ଜିଲାରେ ସମସ୍ତ ବ୍ଲକ ଓ ସହରାଚଂଳର ମୁଖ୍ୟରାସ୍ତା ସହ ବିଭିନ୍ନ ରାସ୍ତା କଡରେ ବିଭିନ୍ନ ପେଟ୍ରୋଲଲିୟମ କମ୍ପାନୀର ପ୍ରାୟ ୨୫ ଟି ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି । ପେଟ୍ରୋଲ ପମ୍ପ ଖୋଲିବା ପୂର୍ବରୁ ସମ୍ପୃକ୍ତ କମ୍ପାନୀ ମାନେ ନୂତନଭାବେ ଖୋଲା ଯାଉଥିବା ପମ୍ପ ପରିସରରେ ଗ୍ରାହକଙ୍କ ବ୍ୟବହାର ପାଇଁ ପୃଥକ ଭାବେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସତନ୍ତ୍ର ଶୌଚାଳୟ, ପିଇବା ପାଣି ସାଙ୍ଗକୁ ଗ୍ରାହକଙ୍କ ଗାଡ଼ି ଚକରେ ପମ୍ପ ଦେବା ପାଇଁ ମୁକ୍ତବାୟୁର ବ୍ୟବସ୍ଥା ଥିବା ସମ୍ପର୍କରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଲାଇସେନ୍ସ ପ୍ରଦାନକରିବାର ବ୍ୟବସ୍ଥା ରହିଛି । ହେଲେ କୋରାପୁଟ ଜିଲାର ପେଟ୍ରୋଲ ପମ୍ପରେ ଏହି ବ୍ୟବସ୍ଥା କେବଳ ଲୋକ ଦେଖାଣିଆ ଭାବରେ ରହିଥିବା ଦେଖାଯାଉଛି । ଏପରିକି ଅନେକ ପମ୍ପରେ ଏହି ବ୍ୟବସ୍ଥା ବର୍ଷବର୍ଷ ଧରି ଅଚଳ ହୋଇ ପଡି ରହିଥିବାବେଳେ ଜୟପୁରରେ କାର୍ଯ୍ୟକାରି ହୋଇ ପାରିନାହିଁ । ନିୟମିତ ବ୍ୟବଧାନରେ କମ୍ପାନୀ ପକ୍ଷରୁ ସମ୍ପୃକ୍ତ ପମ୍ପଗୁଡ଼ିକର ତଦାରଖ କରାଯାଉଥିବା ବେଳେ ଉପଖଣ୍ଡର ଅଧିକାଂଶ ପମ୍ପରେ ମୁକ୍ତବାୟୁ ସୁବିଧା ନଥିଲେ ମଧ କେଉଁ ଆଧାରରେ ସେମାନେ ପ୍ରମାଣପତ୍ର ଦେଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ପେଟ୍ରୋଲ ପମ୍ପଗୁଡ଼ିକରେ ଥିବା ଅନେକ ବ୍ୟବସ୍ଥାର ତଦାରଖ ଦାୟିତ୍ୱ କେବଳ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିଜସ ଅଧୀନରେ ରହୁଛି । ଯାହାଫଳରେ ଏଭଳି ଅସୁବିଧା ଜିଲା ପ୍ରଶାସନ ଜାଣିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିବା ଅସମ୍ଭବ ହୋଇ ପଡୁଥିବା ଦେଖାଯାଉଛି । ଫଳରେ ପମ୍ପ ମାଲିକମାନେ ମନଇଚ୍ଛା ଗ୍ରାହକଙ୍କୁ ଦିନ ଦୁଇ ପ୍ରହରରେ ଠକୁଛନ୍ତି । ଏ ଦିଗରେ ପେଟ୍ରୋଲିୟମ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ପେଟ୍ରୋଲ ପମ୍ପରେ ମୌଳିକ ସୁବିଧା ନଥିବା ଯୋଗୁଁ ଯାତ୍ରୀ, ସାଧାରଣ ଜନତା, ବହୁତ ହଇରାଣ ହରକତ ହେଉଥିବା ଜଣାଯାଇଛି । ଏହା ସହ ଡ୍ରାଇଭର ମାନେ ବହୁତ ହଇରାଣ ହେଉଥିବା ବେଳେ ଯେଉଁ ପେଟ୍ରୋଲ ପମ୍ପରେ ସୁବଧା ରହିଛି ତାହା ସ୍ୱଚ୍ଛ ରଖାଯାଉ ନାହିଁ । ଅପରିଷ୍କାର ପରିବେଶରେ ରହିଥିବା ଜଣାଯାଇଛି ।

# ମତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୬୧ତମ ସ୍ମୃତି ଦିବସ ପାଳିତ

ଭଦ୍ରକ, ୨୯/୦୬ (ନି.ପ୍ର): ପ୍ରଜପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପ୍ରଥମ ପ୍ରଶାସିକା ମତେଶ୍ୱରୀ ଜଗଦମ୍ବା ସରସ୍ୱତୀ(ମାମ୍ମା)ଙ୍କ ୬୧ତମ ସ୍ମୃତି ଦିବସ ଭଦ୍ରକ ମଠାସହି ସ୍ଥିତ ବ୍ରହ୍ମା କୁମାରୀ ସେବା କେନ୍ଦ୍ର ରେ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଜାଲୋର ରାଜସ୍ଥାନ ସେବା କେନ୍ଦ୍ରର ସଂଚଳିକା ବ୍ରହ୍ମା କୁମାରୀ ରଂଜୁ ଭଉଣୀ ଉପସ୍ଥିତ ରହି ମମ୍ମା । ଙ୍କ ର ଗୁଣ ର ବର୍ଣ୍ଣନା କରିଥିଲେ । ମମ୍ମା । ଆଜ୍ଞାକାରୀ ଓ ଦୃଢ ସଂକଳ୍ପ ଧାରୀ ଥିଲେ ।ସମସ୍ତଙ୍କୁ ମା'ର ପାଳନା ଦେଉ ଥିଲେ । ଭଦ୍ରକ ସେବାକେନ୍ଦ୍ର ର ସଂଚାଳିକା ବ୍ରହ୍ମା କୁମାରୀ ମଞ୍ଜୁ ଭଉଣୀ ମମ୍ମା । ଙ୍କ ପରି ସବୁକିଛି ଈଶ୍ୱରୀୟ କାର୍ଯ୍ୟରେ ସଫଳ କରିବାକୁ କହିଥିଲେ ।

# ବଲାଙ୍ଗିରରେ ସଫଳତା ସହ ଅନୁଷ୍ଠିତ ହେଲା ପ୍ରଥମ ମାହେଶ୍ୱରୀ ଯୁଥ କଂକ୍ଲେଭ ୨୦୨୬

ବଲାଙ୍ଗିର, ୨୯/୦୬ (ନି.ପ୍ର): ବଲାଙ୍ଗିର ସ୍ଥିତ ବେବି ବଲକ୍ସ ପ୍ଲେ ସ୍କୁଲ ପରିସରରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ପ୍ରଥମ ମାହେଶ୍ୱରୀ ଯୁଥ କଂକ୍ଲେଭରେ ବଲାଙ୍ଗିର ଜିଲ୍ଲା ର ବିଭିନ୍ନ ଅଂଚଳରୁ ଯୁବପିଢି ଉତ୍ସାହର ସହ ଯୋଗ ଦେଇ ଜ୍ଞାନ, ନେତୃତ୍ୱ ଏବଂ ସାମାଜିକ ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରେରଣାଦାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାହେଶ୍ୱରୀ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ସ୍ୱାଗତ ଅଭିବାଷଣ ପ୍ରଦାନ କରି କନ୍ଲେଭର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଯୁବପିଢି କେବଳ ନିଜ କ୍ୟାରିୟର ଗଠନରେ ସୀମିତ ନ ରହି ସମାଜ ଗଠନ, ପରିବେଶ ସୁରକ୍ଷା ଓ ଜନସେବା କ୍ଷେତ୍ରରେ ମଧ ସକ୍ରିୟ ଭୂମିକା ନେବା ଆବଶ୍ୟକ । ପରେ ଅରିନ୍ଦମ ପରିଚ୍ଛା, ବନ୍ୟପ୍ରାଣୀ ସଂରକ୍ଷଣବିତ, ପରିବେଶ ସଂରକ୍ଷଣରେ ଯୁବପିଢି ର ଭୂମିକା ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଗଣମାଧମର ସକରାତ୍ମକ ବ୍ୟବହାର, ସୂଚନାର ସତ୍ୟତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଯୁବମାନଙ୍କୁ ଉଦ୍ବୋଧନ ଦେଇଥିଲେ । ବିଶିଷ୍ଟ ଆରଟିଆଇ କର୍ମୀ ହେମନ୍ତ ପଣ୍ଡା ନେତୃତ୍ୱ, ସ୍ୱଚ୍ଛତା, ସଚେତନ ନାଗରିକତା ଓ ସାମାଜିକ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଯୁବମାନଙ୍କ ସହ ବକ୍ତାମାନଙ୍କର ପ୍ରଶ୍ନୋତର ପୂର୍ବ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରିଥିଲେ ଏବଂ ବକ୍ତାମାନଙ୍କ ଠାରୁ ଉପଯୋଗୀ ପରାମର୍ଶ ପାଇଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରଥମ ମାହେଶ୍ୱରୀ ଯୁଥ କନ୍ଲେଭ ସଫଳତାର ସହ ସମାପ୍ତ ହୋଇଥିବାରୁ ବକ୍ତା, ଅତିଥି, ଅଂଶଗ୍ରହଣ କାରୀ ଓ ସମସ୍ତ ସ୍ୱେଚ୍ଛାସେବକ ସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସଭାପତି ଶୋଭନ ଅଗ୍ରୱାଲ, ସୂରଜ ପଟେଲ, ଦେବାଶିଷ ପାଣ୍ଡିଆ, ଶୁଭଶ୍ରୀ ପଟ୍ଟନାୟକ, ସ୍ପନ୍ଦନ ପ୍ରଧାନ, ତୃପ୍ତିମୟୀ ମହାପାତ୍ର, ପ୍ରମୋଦ ସାହୁ, ସୀତାରାମ ସାହୁ, କରନ ବେହେରା ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପେଟ ଗରମ ହେବାରୁ ମୁକ୍ତି ଦିଏ ଏହି ମସଲା

ଆଜିକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ବର୍ଦ୍ଧିତ ଗରମ ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ହ୍ରାସ ପାଏ, ଯାହା ଫଳରେ ଥକାପଣ, ପେଟ ପୋଡ଼ିବା, ଦୁର୍ବଳତା, ମୁଣ୍ଡ ବିନ୍ଧା ଏବଂ ଗାଢ଼ ହଳଦିଆ ପରିସ୍ରା ଭଳି ଲକ୍ଷଣ ଦେଖାଯାଏ। ଏହାକୁ ଏଡାଇବା ପାଇଁ, ଦିନସାରା ପାଣି ପିଅନ୍ତୁ। ପାଣି ବ୍ୟତୀତ, ଆପଣଙ୍କ ଖାଦ୍ୟରେ ଏମିତି କିଛି ମସଲା ସାମିଲ କରନ୍ତୁ। ଏହି ମସଲା ମିଶ୍ରିତ ପାଣି ପିଇବା ଦ୍ୱାରା ଡିହାଇଡ୍ରେସନ ରୋକିବାରେ ସାହାଯ୍ୟ ମିଳିବ। ଆସନ୍ତୁ ଜାଣିବା ସେହି ମସଲାଗୁଡ଼ିକ କ'ଣ।

*ଗ୍ରୀଷ୍ମ ଋତୁରେ ଏହି ମସଲାଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ:*



**ପାନମହୁରି:** ପାନମହୁରି ଶରୀରକୁ ଥଣ୍ଡା କରିବା, ପେଟର ଗରମକୁ କମାଇବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବା ପାଇଁ ଜଣାଶୁଣା। ଗ୍ରୀଷ୍ମ ଋତୁରେ ଏହାକୁ ସେବନ କରିବା ଦ୍ୱାରା ଅଂଶୁଘାତକୁ ଏଡାଇବା ଏବଂ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ।

**ଧନିଆ ବିହନ:** ଧନିଆ ମଧ୍ୟ ଶରୀରରେ ପିତ୍ତ ଏବଂ ଉତ୍ତାପକୁ ଶାନ୍ତ କରିବା ପାଇଁ ଏକ ଆୟୁର୍ବେଦିକ ଉପଚାର। ଏହାକୁ ସେବନ କରିବା ଦ୍ୱାରା ପେଟର ଜ୍ୱଳନ ହ୍ରାସ ହୁଏ, ପାଚନ ଶକ୍ତି ଉନ୍ନତ ହୁଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୁଏ।

**ଗୁଜୁରାତି:** ଗ୍ରୀଷ୍ମ ଋତୁରେ ଗୁଜୁରାତି ଶରୀରକୁ ଥଣ୍ଡା କରେ। ଏହା ଏସିଡିଟି, ପେଟ ଫୁଲିବା ଏବଂ ପାଚନ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ଏହାକୁ ସବୁ ଋତୁରେ ସେବନ କରାଯାଇପାରିବ।

**ପୁଦିନା:** ପୁଦିନାର ଏକ ଶୀତଳତା ପ୍ରଭାବ ମଧ୍ୟ ଅଛି, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିବା ଏବଂ ପେଟର ଗରମକୁ ଶାନ୍ତ କରିବା ପାଇଁ ଉତ୍କୃଷ୍ଟ। ଏଥିରେ ମେନ୍ଥଲ ନାମକ ଏକ ଉପାଦାନ ଥାଏ, ଯାହା ପେଟ ଯନ୍ତ୍ରଣା, ଏସିଡିଟି, ବଦହଜମୀ ଏବଂ ଗ୍ୟାସରୁ ତୁରନ୍ତ ଆରାମ ପ୍ରଦାନ କରେ।

**ଆମଚୁର:** ଆମଚୁର ମସଲା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ, ପେଟ ଫୁଲିବା ହ୍ରାସ କରିବାରେ ଏବଂ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରେ। ଆୟୁର୍ବେଦରେ, ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଗୁଣ ଯୋଗୁଁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

# ଘିଅ ବନାମ ଅଲିଭ୍‌ତେଲ



କେବଳ ସୁସ୍ଥ ରହିବାକୁ ଅଧିକାଂଶ ଭାରତୀୟଙ୍କ ଘରେ ଖାଦ୍ୟ ପଦାର୍ଥରେ ତେଲ କିମ୍ବା ଘିଅ ପଡ଼େ ନାହିଁ, ଏହା ସ୍ୱାଦ ଓ ସ୍ମରଣ ଶକ୍ତି ବୃଦ୍ଧି ପାଇଁ ବି ଦରକାର। ଚାମଚେ ଘିଅ ପକାଇ ଡାଲି ବଘାରି ଦେଲେ ତାହା ଚିରାଚରିତ ଭାରତୀୟ ବ୍ୟଞ୍ଜନ ପରି ମହକି ଉଠେ। ସେହିପରି ବ୍ୟଞ୍ଜନରେ ଅଲିଭ୍ ତେଲ ଟିକେ ପଡ଼ିଲେ ତାହା ଅତ୍ୟାଧୁନିକ ରାନ୍ଧଣା ହୋଇଯାଏ। ତେବେ ଘିଅ ଓ ଅଲିଭ୍ ତେଲ ମଧ୍ୟରେ କେଉଁଟି ଦେହ ପାଇଁ ଭଲ?

ଏବେ ଭାରତରେ ହୃଦ୍‌ରୋଗ, ମଧୁମେହ ଓ ମେଦ ବହୁଳତା ବୃଦ୍ଧି ପାଉଛି। ଏଥିପାଇଁ ଖାଦ୍ୟରେ ଥିବା ଚର୍ବିଜାତୀୟ ପଦାର୍ଥ ଦାୟୀ ବୋଲି ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି। ଦୈନନ୍ଦିନ ଭୋଜନରେ ଯେଉଁ ତେଲ ବା ଘିଅ ବ୍ୟବହାର ହେଉଛି, ତାହା ହିଁ କୋଲେଷ୍ଟ୍ରଲ୍, ଅଧିକ ଓଜନ ଓ ଦୀର୍ଘ ଅସୁସ୍ଥତାକୁ ଡାକିଆଣୁଛି। ତେଣୁ ଘିଅ ବନାମ୍ ଅଲିଭ୍ ତେଲ ଭଳି ବିତର୍କ ଜନସ୍ୱାସ୍ଥ୍ୟ ପାଇଁ ପ୍ରାସଙ୍ଗିକ। ଅନେକ କାଳରୁ ଘିଅ ଭାରତୀୟ ବ୍ୟଞ୍ଜନର ଅଂଶବିଶେଷ ହୋଇ ରହିଛି। ମସଲାଯୁକ୍ତ ବ୍ୟଞ୍ଜନ ଓ ଅଧିକ ବା କମ୍ ଉତ୍ତାପରେ ଘିଅ ପକାଇ ବ୍ୟଞ୍ଜନ ରାନ୍ଧିଲେ କୌଣସି ସମସ୍ୟା ହୁଏ ନାହିଁ। ହେଲେ ଏବେ ଡାକ୍ତରମାନେ କହୁଛନ୍ତି, ଘିଅରେ ଅଧିକ ପରିମାଣର ଚର୍ବି ରହିଥାଏ। ଏହା ମାତ୍ରାଧିକ ଖାଇଲେ ହୃତ୍‌ପିଣ୍ଡ ଉପରେ କୁପ୍ରଭାବ ପକାଏ। କିନ୍ତୁ ସ୍ୱଳ୍ପ ପରିମାଣର ଖାଇଲେ ସ୍ୱାସ୍ଥ୍ୟପକ୍ଷେ ଉପକାରୀ ହୋଇଥାଏ। ଏଥିରେ ଭିଟାମିନ୍ ଏ, ଡି, ଇ ଓ କେ ଥାଏ। ଏସବୁ ଭିଟାମିନ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ହାଡ଼ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାନ୍ତି।

ସେହିପରି ଅଲିଭ୍ ତେଲ ବିଶେଷକରି ଏକ୍‌ଷ୍ଟ୍ରା ଭର୍ଜିନ୍ ଅଲିଭ୍ ତେଲରେ ମନୋସାଚ୍ୟୁରେଟେଡ୍ ତୈଳାମ୍ଳ ଥାଏ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେସହାୟକ ହୁଏ ଓ କୋଲେଷ୍ଟ୍ରଲ୍ ନିୟନ୍ତ୍ରଣ କରେ। ତେବେ ଅଲିଭ୍ ତେଲ ସବୁ ପ୍ରକାର ଭାରତୀୟ ବ୍ୟଞ୍ଜନ ପାଇଁ ଉପଯୁକ୍ତ ନୁହେଁ। ଛଣାଛଣି, ତଡ଼କା ଓ ଅଧିକ ଉତ୍ତାପରେ ରନ୍ଧନ କରାଯାଉଥିବା ଖାଦ୍ୟରେ ଅଲିଭ୍ ତେଲ ପକାଇଲେ ତା'ର ଦ୍ରବ୍ୟଗୁଣ ନଷ୍ଟ ହୋଇଯାଏ। କିନ୍ତୁ, ସାଲାଡ୍, ବଘାଳିଆ ବ୍ୟଞ୍ଜନ ଓ ବ୍ୟଞ୍ଜନ ସିଦ୍ଧ ହେବା ପରେ ସେଥିରେ ଅଲିଭ୍ ତେଲ ପକାଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।

ଦୈନନ୍ଦିନ ରୋଷେଇରେ ତେଲ ଉପରେ ବିଶେଷ ଧ୍ୟାନ ଦିଆଯାଇ ନ ଥାଏ। ବିଜ୍ଞାନ କହେ, ପ୍ରତ୍ୟେକ ତୈଳାମ୍ଳର 'ସ୍ମୋକ୍ ପଏଣ୍ଟ' ଥାଏ। ନିର୍ଦ୍ଦିଷ୍ଟ ତାପମାତ୍ରା ସଂସ୍ପର୍ଶରେ ଆସିଲେ ତୈଳାମ୍ଳ ବିଘଟିତ ହୋଇଯାଏ। ଘିଅର ବିଘଟନ ଉତ୍ତାପ ହେଉଛି ପ୍ରାୟ ୨୩୦ ଡିଗ୍ରି ସେଲ୍‌ସିୟସ୍। କିନ୍ତୁ ଅଲିଭ୍ ତେଲ ବା ଏକ୍‌ଷ୍ଟ୍ରା ଭର୍ଜିନ୍ ଅଲିଭ୍ ତେଲର ବିଘଟନ ଉତ୍ତାପ ହେଉଛି ୧୬୦ରୁ ୧୯୦ ଡିଗ୍ରି ମଧ୍ୟରେ। ଏଥିରୁ ସ୍ପଷ୍ଟ ଯେ, କେଉଁ ଧରଣର ଭାରତୀୟ ବ୍ୟଞ୍ଜନ ପାଇଁ ତେଲ ଓ ଘିଅ ଭଲ। ଭୁଲ୍ ଉତ୍ତାପରେ ଭୁଲ୍ ତେଲ ପକାଇଲେ, ସେଥିରୁ କ୍ଷତିକାରକ ଉପାଦାନ ବାହାରିଥାଏ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା ଭଳି ତେଲର ବ୍ୟବହାର ବ୍ୟଞ୍ଜନ ଉପରେ ନିର୍ଭର କରେ।

# ଭଲ ନିଦ ପାଇଁ ଆଜିହିଁ ଆରମ୍ଭ କରନ୍ତୁ ଏହି ଆୟୁର୍ବେଦିକ ପାନୀୟ

ସୁସ୍ଥ ରହିବା ପାଇଁ ଆମେ ପ୍ରତିଦିନ ରାତିରେ ଅତି କମରେ ୮ ଘଣ୍ଟା ଶୋଇବା ଉଚିତ ବୋଲି ଡାକ୍ତର ପରାମର୍ଶ ଦିଅନ୍ତି । କିନ୍ତୁ ଶୋଇବାକୁ ଚେଷ୍ଟା କରିବା ବେଳେବେଳେ କଷ୍ଟକର ହୋଇଥାଏ । ଆପଣ ପ୍ରକୃତରେ ଶୋଇବା ଅପେକ୍ଷା କିଛି ସମୟ ଶୋଇବା ପାଇଁ ଚେଷ୍ଟା କରିନ୍ତି ଏବଂ ସମୟ ଚାଲିଯାଏ । ଏହାର ସମାଧାନ ହଜାର ହଜାର ବର୍ଷ ଧରି ଥିବା ଆୟୁର୍ବେଦ ପାଖରେ ଅଛି । ଆସନ୍ତୁ ଦେଖିବା ଏହି ଆୟୁର୍ବେଦିକ ନିଦ ବୃଦ୍ଧିକରିବା ପାଇଁ କଣ କଣ ଉପାୟ ଦେଇଥାଏ । ଭଲ ନିଦ ପାଇଁ ଆମକୁ ସଠିକ ଭାବରେ ଖାଇବା ପିଇବା କରିବା ଉଚିତ୍ । ସେଥି ମଧ୍ୟରୁ ଆମେ ପିଇବା ପାଇଁ କଣ କଣ କରିପାରିବା ଆସନ୍ତୁ ଦେଖିବା । ପ୍ରଥମ ପାନୀୟ ହେଉଛି ମୁନ୍ ଡ୍ରିଙ୍କ୍ ;ଏକ ପାରମ୍ପରିକ ଆୟୁର୍ବେଦିକ ରେସିପି । ଏହା କିପରି ପ୍ରସ୍ତୁତ କରିବା ଆସନ୍ତୁ ଜାଣିବା ଏହା ଉଷୁମ କ୍ଷୀର, ହଳଦୀ, ଜାଇଫଳ ଏବଂ କେସର ସହିତ ତିଆରି କରାଯାଏ । ହଳଦୀ କ୍ଷତ ଏବଂ ପ୍ରଦାହକୁ ସୁସ୍ଥ କରିବା ଏବଂ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜଣାଶୁଣା । ଜାଇଫଳ ଏବଂ କେସର ଚିନ୍ତା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସାରେ ସହାୟକ । ଦ୍ୱିତୀୟ ପାନୀୟ ଏହି ପାନୀୟ ତିଆରି କରିବା ପାଇଁ ୧ କପ୍ କ୍ଷୀର ଗରମ କରନ୍ତୁ। ୧ ଚାମଚ ହଳଦୀ, ଅଧ ଚାମଚ ଜାଇଫଳ ପାଉଡର ଏବଂ ଏକ ଚିମୁଟା କେସର ମିଶାନ୍ତୁ । ଏହି ଗୋଲ୍ଡେନ ପାନୀୟ ଆପଣଙ୍କ ଶରୀର ଏବଂ ମନ ଉପରେ ଅତ୍ୟନ୍ତ ଶାନ୍ତ ପ୍ରଭାବ ପକାଇଥାଏ । ନିଦ ଆଣିବା ପାଇଁ ଆମର ତୃତୀୟ ପାନୀୟ ହେଉଛି ଯଷ୍ଟିମଧୁ ପାନୀୟ ଏବଂ ଏହାକୁ ଲାଇକୋରାଇସ୍ ପାନୀୟ ମଧ୍ୟ କୁହାଯାଏ । ଏହା କ୍ଷୀର ଏବଂ ଯଷ୍ଟିମଧୁ ସହିତ ତିଆରି କରାଯାଏ ଯାହାକୁ ଆଗରୁ 'ଲାଇକୋରାଇସ୍' କୁହାଯାଏ । ଯଷ୍ଟିମଧୁ ଶୁଖିଲା ମୂଳ, ପାଉଡର ଏବଂ ଟ୍ୟାବଲେଟର ଖଣ୍ଡ ଭାବରେ ଉପଲବ୍ଧ।



# ସାବଧାନ ! ଆପଣଙ୍କ ଘର ଆପଣଙ୍କ ପିଲାର ପ୍ରଗତିରେ ବାଧା ସୃଷ୍ଟି କରୁଛି କି ?



ଆପଣଙ୍କ ପିଲାର ଶିକ୍ଷାରେ ସଫଳତା କେବଳ ଶ୍ରେଣୀଗୃହରେ ଧ୍ୟାନ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ଗବେଷଣାରୁ ଜଣାପଡ଼ିଛି ଯେ ପିଲା ଯେଉଁ ଘରେ ରହେ ତାହା ସିଧାସଳଖ ତାଙ୍କ ପାଠପଢ଼ା ଏବଂ ପରୀକ୍ଷା ଫଳାଫଳକୁ ପ୍ରଭାବିତ କରେ । ଅଧିକ ଭିଡ଼,ଆର୍ଦ୍ରତା ଏବଂ ଅନୁପଯୁକ୍ତ ଗରମ ପିଲାମାନଙ୍କ ସ୍ୱାସ୍ଥ୍ୟ ସହିତ ସେମାନଙ୍କ ଶିକ୍ଷାଗତ ଋତୁକୁ ମଧ୍ୟ ପ୍ରଭାବିତ କରେ। ଆସନ୍ତୁ ଦେଖିବା ଗବେଷଣା କ'ଣ ପାଇଛି । ଜର୍ଣ୍ଣାଲ ଅଫ୍ ଏପିଡେମିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍ଥରେ ପ୍ରକାଶିତ ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଖରାପ ଘର ପରିବେଶରେ ରହୁଥିବା ପିଲାମାନଙ୍କଠାରେ ସ୍କୁଲରେ ଅନୁପସ୍ଥିତି ଏବଂ ନିମ୍ନ ମାର୍କର ହାର ଅଧିକ ଥାଏ, ବିଶେଷକରି ଇଂରାଜୀ ଏବଂ ଗଣିତ ଭଳି ପ୍ରମୁଖ ବିଷୟଗୁଡ଼ିକରେ। ଗବେଷକଙ୍କ ଅନୁଯାୟୀ, ଭଲ ଘରଗୁଡ଼ିକ କେବଳ ପିଲାମାନଙ୍କୁ ରୋଗରୁ ରକ୍ଷା କରେ ନାହିଁ ବରଂ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନକୁ ମଧ୍ୟ ଉନ୍ନତ କରେ। ଅଧ୍ୟୟନରୁ ଜଣାପଡିଛି ଯେ ଇଂଲଣ୍ଡରେ ଖରାପ ଘର ପରିବେଶରେ ରହୁଥିବା ପିଲାମାନେ ହାରାହାରି ୧୫ ଦିନ ଅଧିକ ସ୍କୁଲ ଛାଡ଼ିଛନ୍ତି। ଏହି ପିଲାମାନଙ୍କର ପରୀକ୍ଷା ସ୍କୋର ମଧ୍ୟ ସେମାନଙ୍କ ସାଥୀମାନଙ୍କ ତୁଳନାରେ କମ୍ ଥିଲା।

# ଇନ୍‌ହେଲରର ବିକଳ୍ପ ହେବ କି ଲୁନ୍‌ସେକିମିଗ୍!

**୨୦୧୯ ସୁଦ୍ଧା ସାରା ବିଶ୍ୱରେ ୨୬୨ ନିୟୁତ ଆଜ୍‌ମା ବା ଶ୍ୱାସରୋଗୀ ଚିହ୍ନଟ ହୋଇଥିବା ପରିସଂଖ୍ୟାନରୁ ଜଣାପଡ଼େ। ବିଶ୍ୱର ସମୁଦାୟ ଆଜ୍‌ମା ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୩ ପ୍ରତିଶତ ହେଉଛନ୍ତି ଭାରତୀୟ। ପୃଥିବୀର ରୋଗୀ ସଂଖ୍ୟା ତୁଳନାରେ ଆମ ଦେଶରେ ଯଥେଷ୍ଟ କମ୍ ରୋଗୀ ଥିଲେ ମଧ୍ୟ ଏହା ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିବାରେ ଲାଗିଛି। ଯେଉଁ ଆଜ୍‌ମା ରୋଗୀମାନେ ଇନ୍‌ହେଲର ଉପରେ ନିର୍ଭର କରୁଛନ୍ତି, ଲୁନ୍‌ସେକିମିଗ୍ ନାମକ ନୂତନ ଔଷଧ ଏହାର ବିକଳ୍ପ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି ? ଏହା କିପରି ଜଣେ ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ, ଆସନ୍ତୁ ତା' ଉପରେ ଆଲୋକପାତ କରିବା।**



## ଲୁନ୍‌ସେକିମିଗ୍ କ'ଣ ?

ଲୁନ୍‌ସେକିମିଗ୍ ନାମରେ ଜଣାଶୁଣା ଔଷଧ ହେଉଛି ଏକ ନିର୍ଦ୍ଦିଷ୍ଟ ଫର୍ମୁଲେସନ୍, ଯାହାକୁ ଶ୍ୱାସନଳୀ ପ୍ରଦାହର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଛି। କାରଣ ପ୍ରଦାହ ଯୋଗୁଁ ଟିସୁର କ୍ଷତି ହୋଇଥାଏ। ଲୁନ୍‌ସେକିମିଗ୍ ହେଉଛି ଏକ ନୂତନ ପେଣ୍ଟାଭାଲେଣ୍ଟ୍ ନାନୋବଡି, ଯାହା ଆଜ୍‌ମା ଓ ଶ୍ୱାସକ୍ରିୟାଜନିତ ରୋଗରେ ନଷ୍ଟ ହେଉଥିବା ଟିସୁକୁ ସୁରକ୍ଷା ଦିଏ। ଟିଏସ୍‌ଏଲ୍‌ପି ଓ ଆଇଏଲ୍-୧୩ ଆଲର୍ଜିକୁ ଲୁନ୍‌ସେକିମିଗ୍ ଏକା ସାଙ୍ଗରେ ବ୍ଲକ୍ କରିଥାଏ।

## ଲୁନ୍‌ସେକିମିଗ୍‌ର ପରୀକ୍ଷାଫଳ

ଲୁନ୍‌ସେକିମିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି। ଗମ୍ଭୀର ଆଜ୍‌ମା ପୀଡ଼ିତ ୧୧୪୭ ଜଣ ବୟସ୍କଙ୍କ ଉପରେ ଏହାର ପରୀକ୍ଷଣ କରାଯାଇଥିଲା। ଶ୍ୱାସନଳୀର ପ୍ରଦାହ କମାଇବା ସହ ଫୁସ୍‌ଫୁସ୍‌ର କାର୍ଯ୍ୟକଳାପରେ ଉନ୍ନତି ଆଣିବା ଦିଗରେ ଏହା ସକାରାତ୍ମକ ଫଳ ଦେଇଥିଲା। ଏହି ଔଷଧ ସୁରକ୍ଷିତ ବୋଲି ମଧ୍ୟ ଜଣାପଡ଼ିଛି। ଇଓସିନୋଫିଲିକ୍ ଫେନୋଟାଇପ୍ ଥିବା ସିଓପିଡି ରୋଗୀଙ୍କଠାରେ ଏହାକୁ ପରୀକ୍ଷା କରାଯାଉଛି। ଏହାର ପରିଚାଳନା ପାଇଁ ବିଶ୍ୱର ୨୫୨ଟି ସ୍ଥାନ ଚୟନ କରାଯାଇଥିଲା। ଫ୍ରାକ୍ସନାଲ୍ ଇନ୍‌ହେଲ୍‌ଡ ନାଇଟ୍ରିକ୍ ଅକ୍ସାଇଡ୍ ହ୍ରାସ କରିବା, ଫୁସ୍‌ଫୁସ୍‌ର କାର୍ଯ୍ୟ ଉନ୍ନତ କରିବା ଓ ଫ୍ଲେୟାର-ଅପ୍ ସମସ୍ୟା କମାଇବା ଦିଗରେ ଏହା କାମ କରୁଥିବା ଫଳାଫଳରୁ ଜଣାପଡ଼ିଛି।

## ଭାରତରେ ଆଜ୍‌ମା ଚିକିତ୍ସା

ଆମ ଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଆଜ୍‌ମା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଛି। ଏଭଳି କ୍ଷେତ୍ରରେ ରୋଗର ଚିକିତ୍ସା ପାଇଁ ଲୁନ୍‌ସେକିମିଗ୍ ଔଷଧ କାମରେ ଆସିପାରେ। ଏବେ ଶ୍ୱାସନଳୀର ପ୍ରଦାହର ଚିକିତ୍ସା ପାଇଁ ବ୍ୟବହୃତ ଇନ୍‌ହିଲ୍‌ଡ କୋର୍ଟିକୋଷ୍ଟେରୋଏଡ୍ ବା ବାୟୋଲୋଜିକ୍ସ୍ ଔଷଧକୁ ବର୍ତ୍ତମାନ ଆଜ୍‌ମା ଚିକିତ୍ସାରେ ବ୍ୟବହାର କରାଯାଉଛି। ଏହା ରୋଗୀଙ୍କ ଶରୀରରେ ଆଜ୍‌ମାର ପ୍ରଭାବ ଓ ଗମ୍ଭୀରତା ବିରୋଧରେ ଲଢ଼ିଥାଏ। ଇନ୍‌ହେଲର ବ୍ୟବହାର କମାଇବାରେ ଲୁନ୍‌ସେକିମିଗ୍ ସହାୟକ ହୋଇପାରେ ବୋଲି ଗବେଷକ ଚିନ୍ତା କରୁଛନ୍ତି। କାରଣ ଔଷଧ ଶ୍ୱାସନଳୀରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଇନ୍‌ହେଲର ଉପକରଣ ପାଖରେ ରଖିବା ଦରକାର ହୋଇଥାଏ। ଇନ୍‌ହେଲର ସ୍ୱଳ୍ପମିଆଦୀ ଆଶ୍ୱସ୍ତି ପ୍ରଦାନ ସହ ଶ୍ୱାସନଳୀର ପ୍ରଦାହ କମ୍ କରିଥାଏ। ଏଥିସହିତ ଶ୍ୱାସରୁଦ୍ଧ ହେଲା ଭଳି ପରିସ୍ଥିତିରେ ତୁରନ୍ତ ଆରାମ ଦେଇଥାଏ। ଲୁନ୍‌ସେକିମିଗ୍ ଭଳି ପ୍ରଭାବଶାଳୀ ଔଷଧ ଏହାର ସ୍ଥାନ ନେଇପାରିବ ବୋଲି କୁହାଯାଉଛି।

ଏହାର ପରୀକ୍ଷଣ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଅଛି ଓ ଆଜ୍‌ମା ରୋଗୀଙ୍କ ଉପରେ ଏହା କିଭଳି ପ୍ରଭାବ ପକାଉଛି, ତାହା ପ୍ରମାଣ କରି ଜାଣିବାକୁ ଅଧିକ ପରୀକ୍ଷଣର ଆବଶ୍ୟକତା ରହିଛି। ଏହି ଔଷଧ ବ୍ୟବହାର ପାଇଁ ଏ ପର୍ଯ୍ୟନ୍ତ ଅନୁମୋଦିତ ହୋଇନାହିଁ। ଶ୍ୱାସଜନିତ ରୋଗର ପ୍ରଭାବ କମାଇବାକୁ ଏହାର ସୁରକ୍ଷିତ ଆବଣ୍ଟନ ପାଇଁ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଅବଶ୍ୟକ। ତେବେ ଯେଉଁମାନେ ଇନ୍‌ହେଲର ମାଧ୍ୟମରେ ଶୀଘ୍ର ଆରାମ ପାଇପାରୁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଲୁନ୍‌ସେକିମିଗ୍ ଖୁବ୍ ଶୀଘ୍ର କାମ କରିବ ବୋଲି ପରୀକ୍ଷଣରୁ ଜଣାପଡ଼ିଛି। ସମ୍ପୂର୍ଣ୍ଣ ପରୀକ୍ଷଣ ଓ ସରକାରୀ ଘୋଷଣା ପରେ ଏହି ଔଷଧ ବଜାରରେ ଉପଲବ୍ଧ ହେବ।




ଭାରତର ଉପକୂଳବର୍ତ୍ତୀ ଅଞ୍ଚଳ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନ ଖାଇବା ଥାଳିରେ ମାଛ ପରସା ଦେଖିଲେ ସମସ୍ତଙ୍କ ମନ ଗାର୍ଡେନ୍, ଗାର୍ଡେନ୍ ହୋଇଯାଏ । ଅନେକ ଲୋକ ମାଛ ଖାଇବାକୁ ଭାରି ପସନ୍ଦ କରନ୍ତି । ସେ ମାଛ ଭଜା ହେଉ କି ବେସର,ଚିଙ୍ଗୁଡ଼ି-ମାଛ ପଡ଼ି ଘାଣ୍ଟ ହେଉ କି ମସଲା ତରକାରୀ ବା ମାଛପୋଡ଼ା ଖାଇବାପ୍ରିୟ ଲୋକ ବିଭିନ୍ନ ଭେରାଇଟିର ରେସିପି ଖାଇବାକୁ ପସନ୍ଦ କରନ୍ତି । ମାଛରେ ଓମେଗା-୩ ଫ୍ୟାଟି ଏସିଡ୍, ପ୍ରୋଟିନ୍ ଭରପୂର ହୋଇ ରହିଥାଏ ଯାହା ହୃଦୟ, ମସ୍ତିଷ୍କ ଏବଂ ଚର୍ମ ପାଇଁ ବହୁତ ଭଲ । କିନ୍ତୁ କଣ୍ଟା ପାଇଁ କିଛି ଲୋକ ମାଛ ଖାଇପାରନ୍ତି ନାହିଁ । ମାଛରେ ଥିବା ଅଶୁଦ୍ଧତା ଏବଂ ଆଲର୍ଜୀ କାରଣରୁ ଏହି ସୁସ୍ଥ ଖାଦ୍ୟ ବେଳେବେଳେ ଶରୀରକୁ ବିପଦରେ ମଧ୍ୟ ପକାଇଦିଏ । ଆମେ ପୂର୍ବରୁ ଆପଣଙ୍କୁ କେଉଁ ଲୋକ ମାଛ ଖାଇପାରିବେ ସେନେଇ ସୂଚନା ଦେଇଛୁ ଆଜି ଆସନ୍ତୁ ଜାଣିବା କେଉଁ ଲୋକଙ୍କୁ ମାଛ ଖାଇବାରୁ ଦୂରେଇ ରହିବା ଉଚିତ୍ ।

ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ , ସାର୍କ, ସୋର୍ଡଫିସ୍ ଏବଂ କିଙ୍ଗ ମ୍ୟାକେରେଲ୍ ଭଳି କିଛି ସମୁଦ୍ର ମାଛ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ । ଏହା ଗର୍ଭସ୍ଥ ଶିଶୁର ମସ୍ତିଷ୍କ ବିକାଶକୁ ପ୍ରଭାବିତ କରିପାରେ । ଏହି ସମୟରେ ସାଲମନ, ଚିଙ୍ଗୁଡ଼ି ଏବଂ ହାଲୁକା ଟୁନା ଭଳି ମାଛ ଖାଇପାରିବେ । ସ୍ତନ୍ୟପାନ କରାଉଥିବା ମା' ଏଭଳି ମାଛକୁ ଖାଇଲେ କ୍ଷୀର ମାଧ୍ୟମରେ ଶିଶୁ ସ୍ନାୟୁତନ୍ତ୍ର ପ୍ରଭାବିତ ହୋଇପାରେ । ୧୧ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ମଧ୍ୟ ଏଭଳି ମାଛ ଆଦୌ ହିତକର ନୁହେଁ । ଏହା ସେମାନଙ୍କ ଚିନ୍ତାଧାରା ଏବଂ ଗତିବିଧିକୁ ପ୍ରଭାବିତ କରିପାରେ । ସିଫୁଡ୍‌ରୁ ଆଲର୍ଜି ଥିବା ଲୋକଙ୍କ ପାଇଁ ମଧ୍ୟ ଏହି ମାଛ ଖାଇବା କୌଣସି ବିପଦରୁ କିଛି କମ୍ ନୁହେଁ । ଏଥିରେ କୁଣ୍ଡାଇ ହେବା, ଫୁଲିଯିବା କିମ୍ବା ଗମ୍ଭୀର ରିଆକ୍ସନ୍ ଭଳି ଅସୁବିଧା ସୃଷ୍ଟି ହୋଇପାରେ । ଯେଉଁ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥାଏ ସେମାନେ ଏଭଳି ମାଛଠାରୁ ଦୂରେଇ ରହିବା ଭଲ । ଯଦି ବି ଖାଉଛନ୍ତି ତାହେଲେ ପୋଡ଼ା କିମ୍ବା ସିଝା ଖାଆନ୍ତୁ ନାହିଁ । ବ୍ଲଡ୍ ଥିନର୍ ନେଉଥିବା ଲୋକଙ୍କୁ ମାଛ କମ୍ ପରିମାଣରେ ଖାଇବା ଦରକାର । କାରଣ ଅଧିକ ଓମେଗା-୩ ରକ୍ତସ୍ରାବର ଆଶଙ୍କା ବଢ଼ାଇପାରେ । ଯଦି ବି ଆପଣଙ୍କୁ ମାଛ ଖାଇବାକୁ ଭଲ ଲାଗେ ତା'ହେଲେ ଡାକ୍ତରଙ୍କୁ ପରାମର୍ଶ କରି ଖାଇବା ଉଚିତ ।

# ଟଙ୍କାର ସ୍ଥିରତା ଏବଂ ବାହ୍ୟ ସନ୍ତୁଳନ: ରେମିଟାନ୍ସର ନିର୍ଣ୍ଣାୟକ ଭୂମିକା

ଭାରତୀୟ ଅର୍ଥନୀତିର ବାହ୍ୟ ସନ୍ତୁଳନ ଏବଂ ଟଙ୍କାର ମୂଲ୍ୟ ନିର୍ଦ୍ଧାରଣ ପ୍ରସଙ୍ଗରେ ସାଧାରଣତଃ ବିଦେଶୀ ପୁଞ୍ଜି ନିବେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ । ୨୦୨୫ ମସିହା ମେ ମାସ ଠାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଇବା ପରେ ଅର୍ଥନୈତିକ ବିଶେଷଜ୍ଞମାନେ ଏହାର କାରଣ ଖୋଜିବାରେ ଲାଗିଛନ୍ତି । ଅଧିକାଂଶ ବିଶ୍ଳେଷକ ଏହି ଅବମୂଲ୍ୟାୟନ ପାଇଁ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫଡିଆଇ) ଏବଂ ବିଦେଶୀ ପୋର୍ଟଫୋଲିଓ ନିବେଶ (ଏଫପିଆଇ)ର କ୍ରମାଗତ ହ୍ରାସକୁ ଦାୟୀ କରୁଛନ୍ତି । ତଥ୍ୟ ଅନୁଯାୟୀ, ୨୦୨୧-୨୨ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରୁ ନେଟ୍ ଏଫଡିଆଇ ପ୍ରବାହରେ ହ୍ରାସ ଘଟିବା ଆରମ୍ଭ ହୋଇଥିଲା ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ଏହା ନକାରାତ୍ମକ ସ୍ତରରେ ପହଞ୍ଚିଯାଇଥିଲା । ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରୁ ଏଫପିଆଇ ପ୍ରବାହ ମଧ୍ୟ ନକାରାତ୍ମକ ରହିଆସିଛି । ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ଶକ୍ତି ସଙ୍କଟ ପୂର୍ବରୁ ହିଁ ଏହି ନିବେଶ ହ୍ରାସ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା । ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୯୪.୬ ବିଲିୟନ ଡଲାରର ବିଦେଶୀ ନିବେଶ ଆସିଥିଲେ ମଧ୍ୟ ନେଟ୍ ଏଫଡିଆଇ ମାତ୍ର ୭.୬ ବିଲିୟନ ଡଲାରରେ ସୀମିତ ରହିଛି, କାରଣ ବହୁଳ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର ଏବଂ ଲାଭାଂଶ ବିଦେଶକୁ ଫେରିଯାଉଛି । ତେବେ, ଏହି ଆଲୋଚନାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଉଛି, ତାହା ହେଉଛି ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା ପଠାଯାଉଥିବା ଅର୍ଥ ବା ରେମିଟାନ୍ସ । ଏଫଡିଆଇ ଏବଂ ଏଫପିଆଇ ଉପରେ ଅତ୍ୟଧିକ ନିର୍ଭରଶୀଳତା କାରଣରୁ ଭାରତର ଚଳିତ ଖାତା ନିଅଣ୍ଟ (କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ଏବଂ ଟଙ୍କାର ମୂଲ୍ୟକୁ ସ୍ଥିର ରଖିବାରେ ରେମିଟାନ୍ସର ନିର୍ଣ୍ଣାୟକ ଭୂମିକା ପ୍ରାୟତଃ ଆଲୋଚନା ପରିସରରୁ ବାଦ୍ ପଡ଼ିଯାଉଛି ।

ଭାରତର ବାଣିଜ୍ୟିକ ନିଅଣ୍ଟ ବା ଟ୍ରେଡ୍ ଡେଫିସିଟ୍ ଏକ ଦୀର୍ଘମିଆଦୀ ସମସ୍ୟା, ଯାହା ଟଙ୍କା ଉପରେ ଗଠନମୂଳକ ଚାପ ସୃଷ୍ଟି କରିଥାଏ । ଆମେ ରପ୍ତାନି କରୁଥିବା ସାମଗ୍ରୀ ତୁଳନାରେ ଆମଦାନୀ କରୁଥିବା ସାମଗ୍ରୀର ମୂଲ୍ୟ ଯଥେଷ୍ଟ ଅଧିକ ରହିଥାଏ, ବିଶେଷକରି ଅଶୋଧିତ ତୈଳ, ସୁନା ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଆମଦାନୀ କାରଣରୁ । ଉଦାହରଣସ୍ୱରୂପ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ବାଣିଜ୍ୟିକ ନିଅଣ୍ଟ ୧୧୯.୩ ବିଲିୟନ ଡଲାରରେ ପହଞ୍ଚିଥିଲା ଏବଂ କେବଳ ୨୦୨୬ ମେ ମାସରେ ଏହା ୨୮.୨ ବିଲିୟନ ଡଲାର ଥିଲା । ଏହି କ୍ରମାଗତ ବାଣିଜ୍ୟିକ ନିଅଣ୍ଟ କାରଣରୁ ଭାରତର ଚଳିତ ଖାତା ସର୍ବଦା ଚାପରେ ରହିଥାଏ । ସାଧାରଣତଃ ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଏହି ଚଳିତ ଖାତା ନିଅଣ୍ଟକୁ ଭରଣା କରିବା ପାଇଁ ଆର୍ଥିକ ଖାତା (ଫାଇନାନ୍ସିଆଲ୍ ଆକାଉଣ୍ଟ) ଅଧୀନରେ ଆସୁଥିବା ଏଫଡିଆଇ ଏବଂ ଏଫପିଆଇ ଅତ୍ୟନ୍ତ ଜରୁରୀ । କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଭାରତର ବାଲାନ୍ସ ଅଫ୍ ପେମେଣ୍ଟ୍ସ ବା ଦେୟ ସନ୍ତୁଳନକୁ ବୁଝିବାକୁ ହେଲେ ଆମକୁ ଚଳିତ ଖାତାର ଗଠନକୁ ତର୍ଜମା କରିବାକୁ ପଡ଼ିବ । ଚଳିତ ଖାତା ମୁଖ୍ୟତଃ ତିନୋଟି ଉପାଦାନକୁ ନେଇ ଗଠିତ: ବାଣିଜ୍ୟିକ ନିଅଣ୍ଟ, ନେଟ୍ ପ୍ରାଥମିକ ଆୟ ନିଅଣ୍ଟ (ବିଦେଶୀ ନିବେଶକଙ୍କୁ ଦିଆଯାଉଥିବା ଲାଭାଂଶ ଏବଂ ସୁଧ) ଏବଂ ନେଟ୍ ମାଧ୍ୟମିକ ଆୟ ଉଦ୍‌ବୃତ୍ତ (ଯେଉଁଥିରେ ମୁଖ୍ୟତଃ ରେମିଟାନ୍ସ ଅନ୍ତର୍ଭୁକ୍ତ) । ଯଦି ଆମେ ତଥ୍ୟକୁ ବିଶ୍ଳେଷଣ କରିବା, ତେବେ ଦେଖିବାକୁ ପାଇବା ଯେ ଏଫଡିଆଇ ବା ଏଫପିଆଇ ନୁହେଁ, ବରଂ ନେଟ୍ ମାଧ୍ୟମିକ ଆୟ ଖାତାରେ ଆସୁଥିବା ରେମିଟାନ୍ସ ହିଁ ଭାରତର ବାଣିଜ୍ୟିକ ନିଅଣ୍ଟକୁ ସମ୍ଭାଳିବାରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥାଏ ।

ପ୍ରବାସୀ ଭାରତୀୟମାନେ ନିଜ ଦେଶକୁ ଅର୍ଥ ପ୍ରେରଣ କରିବାରେ ସମଗ୍ର ବିଶ୍ୱରେ ଶୀର୍ଷ ସ୍ଥାନରେ ରହିଆସିଛନ୍ତି ଏବଂ ଗତ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ଏହି ତାଲିକାରେ ପ୍ରଥମ ସ୍ଥାନ ବଜାୟ ରଖିଛି । ବିଶ୍ୱ ବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ଭାରତକୁ ୧୩୮ ବିଲିୟନ ଡଲାରର ରେମିଟାନ୍ସ ଆସିଥିଲା ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧୩୫.୪ ବିଲିୟନ ଡଲାର ଛୁଇଁଥିଲା । ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅର୍ଥନୈତିକ ଗବେଷଣା ଆକଳନ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ପରିମାଣ ୧୩୭ ରୁ ୧୪୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି । ଏହି ବିପୁଳ ପରିମାଣର ଅର୍ଥ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୩ ରୁ ୩.୫ ପ୍ରତିଶତ ଅଟେ । ଯଦି ଆମେ ଏହାକୁ ପ୍ରତ୍ୟକ୍ଷ ବିଦେଶୀ ନିବେଶ ସହିତ ତୁଳନା କରିବା, ତେବେ ପାର୍ଥକ୍ୟ ସ୍ପଷ୍ଟ ବାରି ହୋଇପଡ଼ିବ । ଗୋଟିଏ ପଟେ ଯେଉଁଠି ବାର୍ଷିକ ମୋଟ ଏଫଡିଆଇ ୪୭ ବିଲିୟନ ଡଲାର ପାଖାପାଖି ରହୁଛି, ଅନ୍ୟ ପଟେ ପ୍ରବାସୀ ଭାରତୀୟମାନେ ତାହାର ପ୍ରାୟ ତିନି ଗୁଣ ଅଧିକ ଅର୍ଥ ଦେଶକୁ ପଠାଉଛନ୍ତି । ଐତିହାସିକ ତଥ୍ୟକୁ ଦେଖିଲେ ଜଣାଯାଏ ଯେ, ୨୦୧୩ ମସିହା ମଧ୍ୟଭାଗରୁ ରେମିଟାନ୍ସ ହାରାହାରି ଭାବରେ ଭାରତର ସମ୍ପୂର୍ଣ୍ଣ ବାଣିଜ୍ୟିକ ନିଅଣ୍ଟକୁ ଭରଣା କରିବାରେ ସକ୍ଷମ ହୋଇଛି । ଅର୍ଥାତ୍, ଯଦି ଭାରତକୁ ଏହି ବିପୁଳ ପରିମାଣର ରେମିଟାନ୍ସ ଆସୁନଥାନ୍ତା, ତେବେ ଦେଶର ଚଳିତ ଖାତା ନିଅଣ୍ଟ ଅନେକ ଗୁଣ ବୃଦ୍ଧି ପାଇଥାନ୍ତା । ଏହି ନିଅଣ୍ଟକୁ ଭରଣା କରିବା ପାଇଁ ଭାରତକୁ ବିଦେଶୀ ଋଣ କିମ୍ବା ଅସ୍ଥିର ବିଦେଶୀ ନିବେଶ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡ଼ିଥାନ୍ତା, ଯାହା ଟଙ୍କାର ମୂଲ୍ୟକୁ ଆହୁରି ରସାତଳକୁ ନେଇଯାଇଥାନ୍ତା ।

ରେମିଟାନ୍ସ କେବଳ ପରିମାଣ ଦୃଷ୍ଟିରୁ ନୁହେଁ, ବରଂ ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ବିଦେଶୀ ନିବେଶ ଠାରୁ ଯଥେଷ୍ଟ ଉନ୍ନତ ଏବଂ ନିରାପଦ । ପ୍ରଥମତଃ, ଏଫପିଆଇ ଭଳି ବିଦେଶୀ ପୋର୍ଟଫୋଲିଓ ନିବେଶ ଅତ୍ୟନ୍ତ ଅସ୍ଥିର ହୋଇଥାଏ । ବିଶ୍ୱ ବଜାରରେ ସାମାନ୍ୟ ଅସ୍ଥିରତା କିମ୍ବା ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ବୃଦ୍ଧି କଲେ ବିଦେଶୀ ନିବେଶକମାନେ ରାତାରାତି ଭାରତୀୟ ବଜାରରୁ ନିଜର ପୁଞ୍ଜି ପ୍ରତ୍ୟାହାର କରିନିଅନ୍ତି । କିନ୍ତୁ ରେମିଟାନ୍ସ କ୍ଷେତ୍ରରେ ଏଭଳି ଆକସ୍ମିକ ବନ୍ଦ ହେବାର ବା 'ସଡନ୍ ହଲ୍ଟ'ର ଆଶଙ୍କା ନଥାଏ । ଏହା ମୁଖ୍ୟତଃ ପ୍ରବାସୀ ଭାରତୀୟମାନଙ୍କର ଆୟ, ସଞ୍ଚୟ ଏବଂ ସେମାନଙ୍କ ପରିବାରର ଆବଶ୍ୟକତା ଉପରେ ନିର୍ଭର କରିଥାଏ, ଯାହା ବଜାରର ଉତ୍ଥାନ-ପତନ ସହିତ ସିଧାସଳଖ ଜଡ଼ିତ ନୁହେଁ । ଦ୍ୱିତୀୟତଃ, ଏଫଡିଆଇ ଏବଂ ଏଫପିଆଇ ହେଉଛି ଏକ ପ୍ରକାର ଦାବି ବା ଲାୟାବିଲିଟି । ଯେତେବେଳେ କୌଣସି ବିଦେଶୀ କମ୍ପାନୀ ଭାରତରେ ନିବେଶ କରେ, ସେ ଭବିଷ୍ୟତରେ ଲାଭାଂଶ, ରୟାଲଟି କିମ୍ବା ସୁଧ ଆକାରରେ ବହୁଳ ଅର୍ଥ ନିଜ ଦେଶକୁ ଫେରାଇ ନେଇଥାଏ । ତେଣୁ ଆଜିର ନିବେଶ ଆସନ୍ତାକାଲିର ପୁଞ୍ଜି ପ୍ରତ୍ୟାହାରରେ ପରିଣତ ହୁଏ, ଯାହା ନେଟ୍ ପ୍ରାଥମିକ ଆୟ ଖାତାକୁ ନିଅଣ୍ଟିଆ କରିଦିଏ । ଅପରପକ୍ଷେ, ରେମିଟାନ୍ସ ହେଉଛି ଏକପାଖିଆ ହସ୍ତାନ୍ତର ବା ଟ୍ରାନ୍ସଫର୍ । ଏହା ବଦଳରେ ଭବିଷ୍ୟତରେ କୌଣସି ଅର୍ଥ ବିଦେଶକୁ ଫେରାଇବାକୁ ପଡ଼େ ନାହିଁ । ତୃତୀୟତଃ, ବୈଷୟିକ ଜ୍ଞାନକୌଶଳର ବିକାଶ କାରଣରୁ ରେମିଟାନ୍ସର କାରବାର ଖର୍ଚ୍ଚ ବା ଟ୍ରାଞ୍ଜାକ୍ସନ୍ କଷ୍ଟ୍ ବହୁତ କମ୍ ରହିଛି । ବିଶେଷକରି ୟୁଏଇ ଭଳି ଗଲ୍ଫ ଦେଶରୁ ଭାରତକୁ ଅର୍ଥ ପଠାଇବାର ଖର୍ଚ୍ଚ ବିଶ୍ୱ ବ୍ୟାଙ୍କର ୫ ପ୍ରତିଶତ ମାନକ ଠାରୁ ଯଥେଷ୍ଟ କମ୍ ଅଟେ । ଏହା ସହିତ ଭାରତୀୟ ରେମିଟାନ୍ସର ଉତ୍ସରେ ମଧ୍ୟ ଏକ ଗଠନମୂଳକ ପରିବର୍ତ୍ତନ ଦେଖାଦେଇଛି । ପୂର୍ବରୁ କେବଳ ଗଲ୍ଫ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା ଥିବା ବେଳେ ଏବେ ଆମେରିକା, ବ୍ରିଟେନ ଏବଂ ସିଙ୍ଗାପୁର ଭଳି ଦେଶରୁ ଅଧିକ ରେମିଟାନ୍ସ ଆସୁଛି । ଆମେରିକା ବର୍ତ୍ତମାନ ପ୍ରାୟ ୨୭.୭ ପ୍ରତିଶତ ଅବଦାନ ସହ ସର୍ବବୃହତ୍ ଉତ୍ସ ପାଲଟିଛି, ଯାହା ଦର୍ଶାଉଛି ଯେ ଭାରତୀୟ ପ୍ରବାସୀମାନେ କେବଳ ଶ୍ରମିକ ଶ୍ରେଣୀରେ ସୀମିତ ନାହାନ୍ତି, ବରଂ ଆଇଟି, ଡାକ୍ତରୀ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି ।


ଏତେ ସବୁ ସକାରାତ୍ମକ ଦିଗ ସତ୍ତ୍ୱେ, ବର୍ତ୍ତମାନ ପରିସ୍ଥିତିରେ ରେମିଟାନ୍ସ ପ୍ରବାହ ପ୍ରତି କିଛି ବିପଦ ଏବଂ ଆହ୍ୱାନ ମଧ୍ୟ ସୃଷ୍ଟି ହେଉଛି ଯାହାକୁ ଅଣଦେଖା କରିହେବ ନାହିଁ । ଯେତେବେଳେ ଟଙ୍କାର ମୂଲ୍ୟ କ୍ରମାଗତ ଭାବରେ ହ୍ରାସ ପାଉଥାଏ, ପ୍ରବାସୀ ଭାରତୀୟମାନେ ଅର୍ଥ ପଠାଇବା ପାଇଁ ଅପେକ୍ଷା କରନ୍ତି । ସେମାନେ ଭାବନ୍ତି ଯେ ଟଙ୍କାର ମୂଲ୍ୟ ସର୍ବନିମ୍ନ ସ୍ତରରେ ପହଞ୍ଚିବା ପରେ ଅର୍ଥ ପଠାଇଲେ ସେମାନଙ୍କୁ ଅଧିକ ବିନିମୟ ମୂଲ୍ୟ ମିଳିବ । ଏହି ପ୍ରତୀକ୍ଷା ସମୟରେ ଦେଶକୁ ବିଦେଶୀ ମୁଦ୍ରାର ପ୍ରବାହ ସାମୟିକ ଭାବରେ କମିଯାଏ, ଯାହା ଟଙ୍କା ଉପରେ ଆହୁରି ଚାପ ପକାଇଥାଏ । ଏଥିସହ ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତ୍ତେଜନା ଏବଂ ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି କାରଣରୁ ଶକ୍ତି ଆମଦାନୀ ବ୍ୟୟବହୁଳ ହେଉଛି । ଯଦି ବାଣିଜ୍ୟିକ ନିଅଣ୍ଟ ଏହିପରି ବୃଦ୍ଧି ପାଏ, ତେବେ ତାହାକୁ ସମ୍ପୂର୍ଣ୍ଣ ରୂପେ ଭରଣା କରିବା ପାଇଁ ରେମିଟାନ୍ସ ପର୍ଯ୍ୟାପ୍ତ ନହୋଇପାରେ । ଏକ ବୃହତ୍ ବ୍ୟବଧାନ ସୃଷ୍ଟି ହେବାର ଆଶଙ୍କା ରହିଛି, ଯାହା ଫଳରେ ଚଳିତ ଖାତା ନିଅଣ୍ଟ ପୁଣି ବଢ଼ିବ ଏବଂ ଆର୍ଥିକ ଖାତା ଉପରେ ଏହାର ଭରଣା ପାଇଁ ଚାପ ପଡ଼ିବ । ଏଭଳି ଏକ ସମୟରେ ଯେତେବେଳେ ନେଟ୍ ଏଫଡିଆଇ ଏବଂ ଏଫପିଆଇ ପ୍ରବାହ ନକାରାତ୍ମକ ସ୍ତରରେ ରହିଛି, ସେତେବେଳେ ରେମିଟାନ୍ସର କ୍ଷମତା ଅତିକ୍ରମ କରି ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବା ଅର୍ଥନୀତି ପାଇଁ ଏକ ବଡ଼ ବିପଦ ସଙ୍କେତ । ଏହାବ୍ୟତୀତ, ଗଲ୍ଫ ଦେଶଗୁଡ଼ିକରେ ସ୍ଥାନୀୟ କର୍ମଚାରୀଙ୍କୁ ନିଯୁକ୍ତି ଦେବାର ନୀତି ଏବଂ ସ୍ୱୟଂଚାଳିତ ପ୍ରଯୁକ୍ତିବିଦ୍ୟାର ପ୍ରସାର ଭବିଷ୍ୟତରେ ନିମ୍ନ-ଦକ୍ଷତା ସମ୍ପନ୍ନ ଶ୍ରମିକମାନଙ୍କର ରେମିଟାନ୍ସ ଉପରେ ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ରହିଛି ।

ଏସବୁ ବିଶ୍ଳେଷଣରୁ ଏହା ସ୍ପଷ୍ଟ ଯେ, ଆମ ଦେଶର ଅର୍ଥନୈତିକ ନୀତି ନିର୍ଦ୍ଧାରଣ ଏବଂ ବୌଦ୍ଧିକ ଆଲୋଚନାରେ ରେମିଟାନ୍ସକୁ ତାର ପ୍ରାପ୍ୟ ଗୁରୁତ୍ୱ ମିଳୁନାହିଁ । ଏଫଡିଆଇ ଏବଂ ଏଫପିଆଇ ଆସିଲେ ଅର୍ଥନୀତିଜ୍ଞ ଏବଂ ଗଣମାଧ୍ୟମରେ ଯେଉଁ ଉତ୍ସାହ ଦେଖାଯାଏ, ବିପୁଳ ପରିମାଣର ରେମିଟାନ୍ସ ଆସିଲେ ସେହି ଉତ୍ସାହ ଦେଖିବାକୁ ମିଳେ ନାହିଁ । ଏହାର ମୁଖ୍ୟ କାରଣ ହେଉଛି, ଏଫଡିଆଇ ଏବଂ ଏଫପିଆଇ ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀ, କର୍ପୋରେଟ୍ ହାଉସ୍ ଏବଂ ବିଶ୍ୱସ୍ତରୀୟ ପୁଞ୍ଜିପତିମାନଙ୍କ ସହିତ ଜଡ଼ିତ, ଯାହା ବିଶ୍ୱାୟନର ଶୀର୍ଷରେ ଥିବା ବର୍ଗଙ୍କୁ ଆକର୍ଷିତ କରିଥାଏ । ଅନ୍ୟପକ୍ଷରେ, ରେମିଟାନ୍ସ ହେଉଛି ଲକ୍ଷ ଲକ୍ଷ ସାଧାରଣ ପ୍ରବାସୀ ଭାରତୀୟ, ଶ୍ରମିକ, ନର୍ସ, ଇଞ୍ଜିନିୟର ଏବଂ କର୍ମଚାରୀମାନଙ୍କର କଠିନ ପରିଶ୍ରମର ଫଳ । ଏହା ହେଉଛି ହଜାର ହଜାର ଛୋଟ ଛୋଟ ଆର୍ଥିକ ନିଷ୍ପତ୍ତିର ଏକ ବିଶାଳ ସମାହାର । ନିଜ ପରିବାରର ଭରଣପୋଷଣ ପାଇଁ ପଠାଯାଉଥିବା ଏହି ଅର୍ଥ ଚୁପଚାପ୍ ଭାବରେ ଦେଶର ବାହ୍ୟ ଆର୍ଥିକ ସନ୍ତୁଳନକୁ ସୁଦୃଢ଼ କରୁଛି ଏବଂ ଟଙ୍କାର ମୂଲ୍ୟକୁ ରସାତଳଗାମୀ ହେବାରୁ ରକ୍ଷା କରୁଛି । ରେମିଟାନ୍ସର ଗୁରୁତ୍ୱକୁ ହୃଦୟଙ୍ଗମ ନକରିବା ଏବଂ ଏହାକୁ ଅଣଦେଖା କରିବା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଭୁଲ ପ୍ରମାଣିତ ହୋଇପାରେ ।

# ସାନ୍ତାଲ୍ ବିଦ୍ରୋହ ୧୮୫୫-୫୬



ଶରତ ଚନ୍ଦ୍ର ସରେନ୍



ବ୍ରିଟିଶ-ଇଷ୍ଟ-ଇଣ୍ଡିଆ କମ୍ପାନୀର ଉପନିବେଶବାଦ ଓ ଜମିଦାର, ସାହୁକାର, ମହାଜନଙ୍କ ଶୋଷଣ ଓ ଅତ୍ୟାଚାର ବିରୋଧରେ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ୧୮୫୫ ମସିହା ଜୁନ୍ ୩୦ ତାରିଖ ଦିନ ବର୍ତ୍ତମାନର ଝାଡ଼ଖଣ୍ଡ ରାଜ୍ୟର ସାହେବଗ ଜିଲ୍ଲା ଅଧିନସ୍ଥ ଭଗ୍‌ନାଡିହି ଠାରେ ଏକ ବିଶାଳ ମେଳି କରି ସଶସ୍ତ୍ର ବିଦ୍ରୋହ ଆରମ୍ଭ କରିଥିଲେ। ଏହି ବିଦ୍ରୋହକୁ 'ସାନ୍ତାଳ ହୁଲ' (ସାନ୍ତାଳ ବିଦ୍ରୋହ) କୁହାଯାଏ।

ଚୁନ୍ନି ମୁର୍ମୁଙ୍କ ଚାରିପୁତ୍ର ସିଦୋ, କାହ୍ନୁ, ଚାନ୍ଦ, ଭାଇରୋ ଓ ଦୁଇ ଝିଅ ଫୁଲୋ, ଝାନ ବାଲ୍ୟତ ବୟସରୁ ହିଁ ହୃଦୟଙ୍ଗମ କରିପାରିଥିଲେ ଯେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଜମିଦାର, ସାହୁକାର, ମହାଜନଙ୍କ ଦ୍ୱାରା ଲୋକମାନେ ବହୁ ଶୋଷଣ ଓ ନିର୍ଯ୍ୟାତନା ହେଉଅଛନ୍ତି। ଜମିଦାରମାନେ ଲୋକମାନଙ୍କଠାରୁ ଆୟ ତୁଳନାରେ ଅଧିକ କର ଆଦାୟ କରୁଥିଲେ। ସାହୁକାର ମହାଜନମାନେ ଲୋକମାନଙ୍କୁ ସୁଧରେ ଧାନ, ଟଙ୍କା ଆଦି ଦେଉଥିଲେ। ସୁଧ ଆକାରରେ ୫୦%ରୁ ୫୦୦% ଶତକଡ଼ା ପର୍ଯ୍ୟନ୍ତ ସୁଧ ଆଦାୟ କରୁଥିଲେ। ଯେଉଁମାନେ ବିଭିନ୍ନ ପ୍ରକାର କର କିମ୍ବା ସୁଧ ଦେବାରେ ଅସମର୍ଥ ହେଉଥିଲେ, ସେମାନଙ୍କ ଘରେ ଥିବା ଛେଳି, କୁକୁଡ଼ା, ଗୋରୁ, ମଇଁଷି ଏପରିକି ଜମି ମଧ୍ୟ ଛଡ଼ାଇ ନେଉଥିଲେ। ଏଥିରୁ ରକ୍ଷା କରିବା ପାଇଁ ବ୍ରିଟିଶ ଇଷ୍ଟ ଇଣ୍ଡିଆର ଦାରୋଗା ମାନଙ୍କୁ ଅନୁରୋଧ କରୁଥିଲେ ମଧ୍ୟ ସେମାନେ ଲୋକମାନଙ୍କୁ ସାହାଯ୍ୟ ଓ ନ୍ୟାୟ ପ୍ରଦାନ କରିବା ପରିବର୍ତ୍ତେ ଜମିଦାର, ସାହୁକାର, ମହାଜନମାନଙ୍କୁ ଲୋକମାନଙ୍କୁ ଶୋଷଣ, ଅତ୍ୟାଚାର କରିବାରେ ସାହାଯ୍ୟ କରୁଥିଲେ।

ଏଥିସହିତ ଏହି ସମୟରେ ବ୍ରିଟିଶମାନେ ଭାରତରେ ରେଳଲାଇନ୍ ବିଛାଇବା କାମ ମଧ୍ୟ ଆରମ୍ଭ କରିଦେଇଥିଲେ। ରେଳଲାଇନ୍ ଯୋଗୁଁ ଯେଉଁ ଲୋକମାନଙ୍କର ଉର୍ବର ଚାଷଜମି ଅଧିଗ୍ରହଣ କରାଗଲା, ସେମାନଙ୍କୁ ଜମିବାବଦରେ ଅର୍ଥରାଶି ମଧ୍ୟ ପ୍ରଦାନ କରାଗଲା ନାହିଁ ଏବଂ ସେହି ଅଞ୍ଚଳର ଆଦିବାସୀ ଲୋକମାନଙ୍କୁ ରେଳଲାଇନ୍ ବିଛାଇବା ପାଇଁ ବିନା ପାଉଣାରେ ବେଠି ଭାବରେ ଖଟିବାକୁ ବାଧ କରାଯାଉଥିଲା।

ଏହି ଶୋଷଣ ଓ ଅତ୍ୟାଚାର ରେ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ଅତିଷ୍ଠ ହୋଇପଡ଼ିଥିଲେ। ଏହି ଶୋଷଣ ଓ ଅତ୍ୟାଚାରକୁ ଦେଖି ସିଦୋ ମୁର୍ମୁ ଓ କାହ୍ନୁ ମୁର୍ମୁଙ୍କ ହୃଦୟରେ ବିଦ୍ରୋହର ବହ୍ନି ଜଳିଉଠିଥିଲା। ସିଦୋ ଓ କାହ୍ନୁଙ୍କ ନେତୃତ୍ୱରେ ବହୁ ଗ୍ରାମର ମାଝି ବାବା, ଅନେକ ପିଳର ପିଳ ପାର୍ଗାନାମାନଙ୍କୁ 'ସାରଜମ୍ ଗିରା' ମାଧ୍ୟମରେ ବାର୍ତ୍ତା ଦେଇ ଭଗନାଡିହି ଠାରେ ମେଳିରେ ଯୋଗଦେବା ପାଇଁ ଆହ୍ୱାନ କରିଥିଲେ। ଏହି ଆହ୍ୱାନରେ ୧୮୫୫ ମସିହା ଜୁନ୍ ୩୦ ତାରିଖ ଦିନ ଭଗନାଡିହିଠାରେ ପ୍ରାୟ ୧୦ ହଜାରରୁ ଅଧିକ ସାନ୍ତାଳ ସମ୍ପ୍ରଦାୟର ଲୋକ ପାରମ୍ପରିକ ହାତ ହତିଆର ସହିତ ଏକତ୍ରିତ ହୋଇ 'ଆବଓ୍ୱାଃ ଦିଶମ୍ ଆବଓ୍ୱାଃ ରାଜ୍' ନାରା ସହିତ ସାନ୍ତାଳ ହୁଲ୍ (ସାନ୍ତାଳ ବିଦ୍ରୋହ) ଆରମ୍ଭ କରିଥିଲେ ଏବଂ ଏହାର ମୁଖ୍ୟ ନେତୃତ୍ୱ ନେଇଥିଲେ ସିଦୋ ମୁର୍ମୁ ଏବଂ କାହ୍ନୁ ମୁର୍ମୁ।

ସାନ୍ତାଳ ହୁଲ୍ (ସାନ୍ତାଳ ବିଦ୍ରୋହ)ରେ ସିଦୋ, କାହ୍ନୁ ସହିତ ତାଙ୍କର ଆଉ ଦୁଇ ଭାଇ ଚାନ୍ଦ, ଭାଇରୋ ଓ ଦୁଇ ଭଉଣୀ ଫୁଲ ଓ ଝାନ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସାନ୍ତାଳ ହୁଲ୍ ସମୟରେ ବିଦ୍ରୋହୀମାନେ ଅନେକ ଦାରୋଗା, ସାହୁକାର, ମହାଜନ, ଜମିଦାର ଓ ବ୍ରିଟିଶ ଅଫିସରମାନଙ୍କୁ ହତ୍ୟା କରିଥିଲେ। ବିଦ୍ରୋହକାରୀମାନଙ୍କୁ ଦମନ କରିବାପାଇଁ ଯେଉଁ ବ୍ରିଟିଶ ସିପାହୀମାନେ ଏମାନଙ୍କୁ ଆକ୍ରମଣ କରୁଥିଲେ ସେମାନଙ୍କୁ ମଧ୍ୟ ପ୍ରତିଆକ୍ରମଣ କରି ହତ୍ୟା କରିଥିଲେ।

ସାନ୍ତାଲ୍ ହୁଲ୍ (ସାନ୍ତାଳ ବିଦ୍ରୋହ) ଭଗନାଡିହି ଠାରୁ ଆରମ୍ଭ ହୋଇ ବହୁ ଅଞ୍ଚଳକୁ ଦ୍ରୁତଗତିରେ ବ୍ୟାପିବାକୁ ଲାଗିଥିଲା। ଏହାକୁ ବହୁ ସାନ୍ତାଳ ସମ୍ପ୍ରଦାୟର ଲୋକ ସମର୍ଥନ କରିବା ସହିତ ଏଥିସହ ଯୋଡ଼ି ହେଉଥିଲେ। ଯେତେବେଳେ ବିଦ୍ରୋହ ଅଣାୟତ୍ତ ହେବାକୁ ଲାଗିଲା ଏହାକୁ ଦମନ କରିବା ପାଇଁ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ଡେଲହାଉସୀ, ମେଜର ବରୋଜ ଓ ବ୍ରିଗେଡିୟର ଲାଉଡ଼ଙ୍କୁ ବିଦ୍ରୋହ ଦମନ କରିବା ପାଇଁ ଦାୟିତ୍ୱ ଦେଇଥିଲେ। ମେଜର ବରୋଜ ଓ ବ୍ରିଗେଡିୟର ଲାଉଡ୍ ମଧ୍ୟ ସହଜରେ ବିଦ୍ରୋହକୁ ଦମନ କରିବାରେ ସଫଳ ହୋଇପାରିନଥିଲେ। ବହୁ ପ୍ରୟାସ ପରେ ମଧ୍ୟ ବିଦ୍ରୋହ ଦମନ କରିବାରେ ସଫଳ ନହେବା ପରେ, ସେମାନେ ସିଦୋ ମୁର୍ମୁଙ୍କୁ ଜୀବିତ ବା ମୃତ ଧରାଇ ଦେବା କିମ୍ବା ତାଙ୍କ ବିଷୟରେ ସୂଚନା ପ୍ରଦାନ କଲେ ୧୦ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଘୋଷଣା କରିଥିଲେ। କାହ୍ନୁ ମୁର୍ମୁଙ୍କ ପାଇଁ ମଧ୍ୟ ସମାନ ଅର୍ଥରାଶି ଘୋଷଣା କରିଥିଲେ। ତାଙ୍କର ଅନ୍ୟ ଦୁଇଭାଇ ଚାନ୍ଦ ଓ ଭାଇରୋ ପାଇଁ ମଧ୍ୟ ୫୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଘୋଷଣା କରିଥିଲେ। ଯାହାର ପରିମାଣ ବର୍ତ୍ତମାନ ହିସାବରେ କରୋଡ଼ ଟଙ୍କାରେ ହେବ। ୧୮୫୫ରେ କୌଣସି ବ୍ୟକ୍ତି ଅର୍ଥରାଶିର ଲାଳସାରେ ସିଦୋ-ମୁର୍ମୁଙ୍କ ବିଷୟରେ ବ୍ରିଟିଶମାନଙ୍କୁ ସୂଚନା ଦେଇ ଧରାଇ ଦେଇଥିଲେ। ସିଦୋ ମୁର୍ମୁଙ୍କୁ ଧରିବା ପରେ, ବ୍ରିଟିଶମାନେ ମାର୍ଶଲ ଲ' କୋର୍ଟ (ବ୍ରିଟିଶ ମିଲିଟ୍ରି କୋର୍ଟ)ରେ ତତ୍କାଳ ବିଚାର କରାଇ ତାଙ୍କୁ ତତ୍କାଳ ଭାଗଲପୁରଠାରେ ଫାଶି ଦିଆଯାଇଥିଲା। ସିଦୋ ମୁର୍ମୁଙ୍କ ଫାଶି ପରେ କାହ୍ନୁ ମୁର୍ମୁ ବିଦ୍ରୋହର ସମ୍ପୂର୍ଣ୍ଣ ନେତୃତ୍ୱ ନିଜେ ନେଇ ବର୍ଷ ବର୍ଷ ଧରି ବଣ ପାହାଡ଼ରେ ଆତ୍ମଗୋପନ କରି ସଂଗ୍ରାମ ଜାରି ରଖିଥିଲେ। ୧୦ହଜାର ଟଙ୍କାର ପୁରସ୍କାର ଲାଳସାରେ କୌଣସି ବ୍ୟକ୍ତି ବ୍ରିଟିଶମାନଙ୍କୁ ତାଙ୍କ ବିଷୟରେ ମଧ୍ୟ ସୂଚନା ଦେଇ ଧରାଇ ଦେଇଥିଲେ। ଯାହା ଫଳରେ କାହ୍ନୁ ମୁର୍ମୁ ଅସୁସ୍ଥ ଥିବା ସମୟରେ ତାଙ୍କୁ ବ୍ରିଟିଶମାନେ ଗିରଫ କରିଥିଲେ। ତାଙ୍କର ବିଚାର ମଧ୍ୟ ମାର୍ଶାଲ୍ ଲ' କୋର୍ଟରେ କରାଯାଇ ଭାଗଲପୁରଠାରେ ୨୩ ଫେବ୍ରୁଆରୀ ୧୮୫୬ରେ ସର୍ବସମ୍ମୁଖରେ ଫାଶି ଦିଆଯାଇଥିଲା। ସାନ୍ତାଲ୍ ହୁଲ୍ (ସାନ୍ତାଳ ବିଦ୍ରୋହ) ପରେ ବ୍ରିଟିଶମାନଙ୍କୁ ଅନୁଭୂତ ହେଲା ସାନ୍ତାଳ ସମ୍ପ୍ରଦାୟରେ ବସବାସ କରୁଥିବା ଅଞ୍ଚଳରେ ଅଲଗା ପ୍ରଶାସନ ଆବଶ୍ୟକ, ତେଣୁ ସେମାନେ 'ସାନ୍ତାଳ ପାରଗାନା' ନାମରେ ଜିଲ୍ଲା ଗଠନ କରିଥିଲେ। ସାନ୍ତାଳ ହୁଲ୍‌ର ପ୍ରଭାବରେ ହିଁ ପରବର୍ତ୍ତୀ ସମୟରେ ଆଦିବାସୀମାନଙ୍କ ଜମି ସୁରକ୍ଷା କରିବା ଉଦ୍ଦେଶ୍ୟରେ 'ସାନ୍ତାଳ ପାରଗାନା ଭୂଧାରଣ (ଅନୁପୂରକ ଉପବନ୍ଧ) ଅଧିନିୟମ' **Santal Pargana Tenancy Act** ପାରିତ କରାଯାଇଥିଲା।

ସାନ୍ତାଲ୍ ହୁଲ୍ ବିଦ୍ରୋହ ସାରା ଦେଶରେ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ବିରୋଧ କରିବା ପାଇଁ ଏକ ସିବନୀ ସଦୃଶ କାମ କରିଥିଲା। ଏଥିରୁ ବହୁ କ୍ରାନ୍ତିକାରୀ ପ୍ରେରଣା ପାଇ ପାରିଥିଲେ ଯେ ବ୍ରିଟିଶ ବିରୁଦ୍ଧରେ ଲଢ଼ିହେବ, ବ୍ରିଟିଶ ଇଣ୍ଡିଆ ଶାସନରୁ ଭାରତକୁ ମୁକ୍ତ କରାଯାଇପାରିବ।

+ବାଙ୍ଗିରିପୋଷି, ବାରିପଦା
ମୋ:୯୪୩୯୭୩୦୬୨୬

# ଯନ୍ତ୍ରର ଦାସ ପାଲଟୁଛି ମଣିଷ

ସୁବ୍ରତ କୁମାର ଦାସ



> ବିଜ୍ଞାନ ମଣିଷର ଜୀବନକୁ ସହଜ, ସୁନ୍ଦର ଓ ସୁବିଧା ଜନକ କରିବା ପାଇଁ ଯନ୍ତ୍ରର ସୃଷ୍ଟି କରିଛି। ଚକ ଠାରୁ ଆରମ୍ଭ କରି କମ୍ପ୍ୟୁଟର, ମୋବାଇଲ, ରୋବୋଟ ଓ କୃତ୍ରିମ ବୁଦ୍ଧିମତ୍ତା ପର୍ଯ୍ୟନ୍ତ ପ୍ରତ୍ୟେକ ଆବିଷ୍କାର ମଣିଷର କଷ୍ଟକୁ କମାଇବା ଏବଂ ସମୟକୁ ସଞ୍ଚୟ କରିବା ପାଇଁ ହୋଇଛି। କିନ୍ତୁ ଦୁଃଖର ବିଷୟ, ଆଜି ଯନ୍ତ୍ର ମଣିଷର ସେବକ ହୋଇ ରହିବା ପରିବର୍ତ୍ତେ ଧୀରେ ଧୀରେ ତାହାର ମାଲିକ ପାଲଟିବାକୁ ବସିଛି।

ପ୍ରଯୁକ୍ତିର ଅଗ୍ରଗତି ନିଶ୍ଚିତ ଭାବେ ସଭ୍ୟତାର ବିକାଶର ପ୍ରତୀକ। କିନ୍ତୁ ଯେତେବେଳେ ସୁବିଧା ଅଭ୍ୟାସରେ, ଅଭ୍ୟାସ ନିଶାରେ ଓ ନିଶା ନିର୍ଭରଶୀଳତାରେ ପରିଣତ ହୁଏ, ସେତେବେଳେ ମଣିଷ ନିଜର ସ୍ୱାଧୀନ ଚିନ୍ତାଶକ୍ତି, କର୍ମଦକ୍ଷତା ଓ ସମୟ ଉପରେ ନିୟନ୍ତ୍ରଣ ହରାଇ ବସେ। ଆଜି ଆମର ଦୈନନ୍ଦିନ ଜୀବନର ପ୍ରାୟ ପ୍ରତ୍ୟେକ କାମ ଯନ୍ତ୍ର ଉପରେ ନିର୍ଭରଶୀଳ। ସକାଳେ ଆଲାର୍ମରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ମୋବାଇଲ, କମ୍ପ୍ୟୁଟର, ଟେଲିଭିଜନ, ଇଣ୍ଟରନେଟ ଓ ବିଭିନ୍ନ ଡିଜିଟାଲ ଉପକରଣ ଆମର ଜୀବନକୁ ନିୟନ୍ତ୍ରଣ କରୁଛି। ବିଜ୍ଞାନ ମଣିଷର ଜୀବନକୁ ସହଜ, ସୁନ୍ଦର ଓ ସୁବିଧା ଜନକ କରିବା ପାଇଁ ଯନ୍ତ୍ରର ସୃଷ୍ଟି କରିଛି। ଚକ ଠାରୁ ଆରମ୍ଭ କରି କମ୍ପ୍ୟୁଟର, ମୋବାଇଲ, ରୋବୋଟ ଓ କୃତ୍ରିମ ବୁଦ୍ଧିମତ୍ତା ପର୍ଯ୍ୟନ୍ତ ପ୍ରତ୍ୟେକ ଆବିଷ୍କାର ମଣିଷର କଷ୍ଟକୁ କମାଇବା ଏବଂ ସମୟକୁ ସଞ୍ଚୟ କରିବା ପାଇଁ ହୋଇଛି। କିନ୍ତୁ ଦୁଃଖର ବିଷୟ, ଆଜି ଯନ୍ତ୍ର ମଣିଷର ସେବକ ହୋଇ ରହିବା ପରିବର୍ତ୍ତେ ଧୀରେ ଧୀରେ ତାହାର ମାଲିକ ପାଲଟିବାକୁ ବସିଛି। ଯେଉଁ ମଣିଷ ଯନ୍ତ୍ର ସୃଷ୍ଟି କରିଥିଲା, ସେହି ମଣିଷ ଆଜି ଯନ୍ତ୍ରର ଦାସ ପାଲଟୁଛି।

ଏହି ନିର୍ଭରଶୀଳତାର ସବୁଠାରୁ ବଡ଼ ଉଦାହରଣ ହେଉଛି ମୋବାଇଲ ଫୋନ। ଦିନେ ସମୟ ଥିଲା, ଯାହା କେବଳ ଯୋଗାଯୋଗର ମାଧ୍ୟମ ଥିଲା, ଆଜି ସେହି ମୋବାଇଲ ଆମର ଜୀବନର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ଅନେକଙ୍କ ପାଇଁ ମୋବାଇଲ ବିନା ଗୋଟିଏ ଦିନ ଚଳିବା ବା କଳ୍ପନା କରିବା କଷ୍ଟକର ହୋଇ ପଡ଼ିଛି। ଖାଇବା, ପଢ଼ିବା, କାମ କରିବା, ଭ୍ରମଣ, କିଣାକିଣି, ବ୍ୟାଙ୍କ କାରବାର, ମନୋରଞ୍ଜନ ଇତ୍ୟାଦି ସବୁକିଛି ମୋବାଇଲ ର ବିନା ସାହାରାରେ ହେବା ଅସମ୍ଭବ ହୋଇ ଯାଇଛି।ଏହାର ସୁବିଧା ଯେତେ ବଢ଼ୁଛି, ମଣିଷର ନିର୍ଭରଶୀଳତା ମଧ୍ୟ ସେତେ ବଢ଼ିଚାଲିଛି। ସବୁଠାରୁ ବଡ଼ କ୍ଷତି ହେଉଛି, ଯନ୍ତ୍ର ଆମର ସମୟକୁ ଗ୍ରାସ କରୁଛି। ପାଞ୍ଚ ମିନିଟ ପାଇଁ ମୋବାଇଲ ହାତକୁ ନେଇଥିବା ମଣିଷ ଅଜାଣତରେ ଘଣ୍ଟା ଘଣ୍ଟା ଧରି ସ୍କ୍ରିନରେ ବନ୍ଦୀ ହୋଇଯାଉଛି। ପରିବାର ସହ କଥାବାର୍ତ୍ତା, ପୁସ୍ତକ ପଢ଼ିବା, ବ୍ୟାୟାମ, ପ୍ରକୃତି ସହ ସମୟ ବିତାଇବା ଭଳି ଅଭ୍ୟାସ ଧୀରେ ଧୀରେ ହଜି ଯାଉଛି। ବାସ୍ତବ ଜୀବନର ସମ୍ପର୍କ ଦୁର୍ବଳ ହେଉଥିବା ବେଳେ ଭର୍ଚୁଆଲ ସମ୍ପର୍କ ଦୃଢ଼ ହେଉଛି।

ଯନ୍ତ୍ର ମଣିଷର ପରିଶ୍ରମକୁ କମାଇଛି, କିନ୍ତୁ ଏହା ସହିତ ଶାରୀରିକ ସକ୍ରିୟତାକୁ ମଧ୍ୟ କମାଇ ଦେଇଛି। ଫଳରେ ଆଳସ୍ୟ, ମୋଟାପଣ, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ ଭଳି ଜୀବନଶୈଳୀ ଜନିତ ରୋଗ ବଢ଼ିଚାଲିଛି। ଘଣ୍ଟା ଘଣ୍ଟା ଧରି ସ୍କ୍ରିନ ସାମ୍ନାରେ ବସି ରହିବା ଯୋଗୁଁ ଆଖି, ବେକ, ମେରୁଦଣ୍ଡ ଓ ମସ୍ତିଷ୍କ ଉପରେ ମଧ୍ୟ କୁପ୍ରଭାବ ପଡୁଛି। ସୁବିଧାର ସନ୍ଧାନରେ ଆମେ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି।

ମାନସିକ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ କମ୍ ନୁହେଁ। ସୋସିଆଲ ମିଡିଆର ତୁଳନା, ଲାଇକ୍, କମେଣ୍ଟ ଓ ଭର୍ଚୁଆଲ ସ୍ୱୀକୃତିର ଆଶା ମଣିଷକୁ ଚିନ୍ତା, ଅବସାଦ ଓ ଏକାକୀପଣ ଆଡ଼କୁ ଠେଲି ଦେଉଛି। ମଣିଷ ନିଜ ପାଖରେ ବସିଥିବା ଲୋକ ଠାରୁ ଅଧିକ ଦୂରରେ ଥିବା ଲୋକଙ୍କ ସହ କଥା ହେଉଛି। ଘରେ ସମସ୍ତେ ଏକାଠି ଥିଲେ ମଧ୍ୟ ମନରେ ସମସ୍ତେ ଅଲଗା ଅଲଗା। ଆଜିର ପିଲାମାନେ ଖେଳ ପଡ଼ିଆ ପରିବର୍ତ୍ତେ ମୋବାଇଲ ସ୍କ୍ରିନରେ ଶୈଶବ ଖୋଜୁଛନ୍ତି। ଯୁବପିଢ଼ି ସମୟର ମୂଲ୍ୟ ବୁଝିବା ପରିବର୍ତ୍ତେ ରିଲ୍ ଓ ଗେମ୍‌ରେ ଘଣ୍ଟା ଘଣ୍ଟା ବିତାଉଛନ୍ତି। ବୟସ୍କମାନେ ମଧ୍ୟ ପରିବାର ସହ ସମୟ କାଟିବା ପରିବର୍ତ୍ତେ ମୋବାଇଲରେ ବ୍ୟସ୍ତ ରହୁଛନ୍ତି। ଏହା ଏକ ନିରବ ସାମାଜିକ ସଙ୍କଟ।

ତେବେ କ'ଣ ଯନ୍ତ୍ର ଖରାପ? ନା, କେବେ ବି ନୁହେଁ। ଯନ୍ତ୍ର ମଣିଷର ଅଦ୍ଭୁତ ସୃଷ୍ଟି। ଦୋଷ ଯନ୍ତ୍ରର ନୁହେଁ, ବରଂ ଏହାର ଅତ୍ୟଧିକ ଓ ଅସଚେତନ ବ୍ୟବହାରର ପାଇଁ ଆମେ ଅଯଥା ରେ ହଇରାଣ ହେଉଛନ୍ତି। ଯେପର୍ଯ୍ୟନ୍ତ ଯନ୍ତ୍ର ଆମର ଆବଶ୍ୟକତା ପୂରଣ କରୁଛି, ସେପର୍ଯ୍ୟନ୍ତ ସେ ଆମର ସେବକ। କିନ୍ତୁ ଯେତେବେଳେ ଆମେ ଯନ୍ତ୍ର ବିନା ନିଜକୁ ଅସହାୟ ମନେ କରୁଛୁ, ସେତେବେଳେ ବୁଝିବା ଉଚିତ ଯେ ଆମେ ତାହାର ଦାସ ପାଲଟି ସାରିଛୁ।

ଏହି ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଆମକୁ ଡିଜିଟାଲ ଶୃଙ୍ଖଳା ଅବଲମ୍ବନ କରିବାକୁ ପଡ଼ିବ। ମୋବାଇଲ ଓ ଅନ୍ୟାନ୍ୟ ଯନ୍ତ୍ର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିବା, ଅନାବଶ୍ୟକ ବ୍ୟବହାର କମାଇବା, ପ୍ରତିଦିନ କିଛି ସମୟ 'ଯନ୍ତ୍ର-ମୁକ୍ତ' ଜୀବନ ବଞ୍ଚିବା, ପୁସ୍ତକ ପଢ଼ିବା, ବ୍ୟାୟାମ କରିବା, ପରିବାର ସହ କଥାବାର୍ତ୍ତା ଓ ପ୍ରକୃତି ସହ ସମୟ ବିତାଇବା ଆବଶ୍ୟକ। ପ୍ରଯୁକ୍ତିକୁ ଜୀବନର ସାହାଯ୍ୟକାରୀ କରିବା ଉଚିତ, ଜୀବନର ନିୟନ୍ତ୍ରକ ନୁହେଁ।

ତେବେ ଯଥାର୍ଥରେ, ମଣିଷର ପ୍ରକୃତ ଶକ୍ତି ତାହାର ବୁଦ୍ଧି, ବିବେକ ଓ ମାନବିକତାରେ ରହିଛି, ଯନ୍ତ୍ରରେ ନୁହେଁ। ଯଦି ଆମେ ଯନ୍ତ୍ରକୁ ନିୟନ୍ତ୍ରଣ କରିବା, ତେବେ ସେ ଆମର ଉନ୍ନତିର ସୋପାନ ହେବ; କିନ୍ତୁ ଯଦି ଯନ୍ତ୍ର ଆମକୁ ନିୟନ୍ତ୍ରଣ କରିବ, ତେବେ ଆମେ ନିଜ ସୃଷ୍ଟିର ଦାସ ପାଲଟିଯିବ।ତେଣୁ,ମନେ ରଖିବା ଉଚିତ, ଯନ୍ତ୍ର ମଣିଷ ପାଇଁ ସୃଷ୍ଟି ହୋଇଛି; ମଣିଷ କେବେ ବି ଯନ୍ତ୍ର ପାଇଁ ନୁହେଁ।ଏହି ନିରାଟ ସତ୍ୟକୁ ହୃଦୟଙ୍ଗମ କରିପାରିଲେ ହିଁ ପ୍ରଯୁକ୍ତିର ଯୁଗରେ ଆମେ ମଧ୍ୟ ସ୍ୱାଧୀନ, ସୁସ୍ଥ ଓ ସନ୍ତୁଳିତ ଜୀବନ ବଞ୍ଚିପାରିବା।

+ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩




## ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

ପ୍ରଶାନ୍ତ କୁମାର ନାୟକ



ପ୍ରଭୁଙ୍କର ସ୍ନାନ ଦର୍ଶନ
ଭାଗ୍ୟେ ଥିଲେ ମିଳେଟି,
ସେ ଅପୂର୍ବ ଦୃଶ୍ୟ ଦେଖିଲେ
ପ୍ରାଣେ ଭରଇ ଶକ୍ତି ।
ମହାପ୍ରଭୁଙ୍କର ସ୍ନାହାନ
ଲୀଳା ଦେଖିବା ପାଇଁ,
ସରଗେ ସକଳ ଦେବତା
ରହି ଥାଆନ୍ତି ଚାହିଁ ।
ସ୍ନାନ ଲୀଳା ପରେପରେ ତ
ହାତୀ ବେଶ ହୁଅନ୍ତି,
ତୁଳସୀର ମାଳ ଫୁଲରେ
କି ସୁନ୍ଦର ଦିଶନ୍ତି ।
ବେଶ ଶେଷପରେ ଠାକୁର
ରାଜା ତହିଁ ଆସନ୍ତି,
ମଣ୍ଡପରେ ଛେରା ପହଁରା
ରାଜା କରି ଥାଆନ୍ତି ।
ଅର୍ପଣ କରନ୍ତି ଆଳତି
ଭାବେ ବିଲୀନ ହୋଇ,
ଶୁଭ ମନାସନ୍ତି ରାଜାଯେ
ଆଗେ ମୁଣ୍ଡ ନୁଆଁଇ ।
ଗଣପତି ଭକ୍ତ ବିପ୍ରଙ୍କ
ପାଇଁ ଏହି ବେଶଟି,
ପ୍ରତିବର୍ଷ ପ୍ରଭୁ ସ୍ନାନରେ
ହାତୀ ବେଶ ହୁଅନ୍ତି ।
ଶହେ ଆଠଗରା ଜଳରେ
ଚାରି ଦିଅଁ ଗାଧାନ୍ତି,
ସେବକେ ଆଣିଲେ ଜଳଯେ
ମୁହଁ ନାକ ଘୋଡାନ୍ତି ।
ତେତିଶଟି ଗରା ଜଳରେ
ବଳଭଦ୍ର ଗାଧାନ୍ତି,
ସୁଭଦ୍ରାଙ୍କ ପାଇଁ ବାଇଶି
ଗରା ଜଳ ଆସେଟି ।
ପଇଁତ୍ରିଶ ଗରା ଜଳରେ
ପ୍ରଭୁ ଶ୍ରୀ ଜଗନ୍ନାଥ
କରିଥା'ନ୍ତି ଦିବ୍ୟ ସ୍ନାନଯେ
ଦେଖୁ ଥାଆନ୍ତି ଭକ୍ତ ।
ସୁଦର୍ଶନ ଚକ୍ର ଅଠର
ଗରା ଜଳେ ଗାଧାନ୍ତି,
ଭକତଙ୍କ ସଙ୍ଗେ ମିଳିତ
ହୋଇ ଗୋପୀ ଦେଖନ୍ତି ।
ତା'ପରେ ଜରରେ ଠାକୁର
ଅଣସରେ ରହନ୍ତି,
ସୁସ୍ଥ ହେବାପରେ ରଥରେ
ଦରଶନ ଦିଅନ୍ତି ।

+ୟୁନିଟ୍- ୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

## ଅଭିମାନୀ ଜହ୍ନ

ରାହାସ କୁମାର ବେହେରା



ସାରା ଆକାଶରେ ମେଞ୍ଚା
ମେଞ୍ଚା ତାରା,
ଜହ୍ନ ଯାଇଥିଲା ଲୁଚି;
ଖୋଜିଲି ସଞ୍ଜରୁ ସାରା ରାତି ଯାକ,
ନିଦ ଯାଇଥିଲା ଘୁଞ୍ଚି।

କିଛି ଅବଶୋଷ କିଛି ଅବିଶ୍ୱାସ,
ଛାତିରେ ଅଜଣା ବ୍ୟଥା;
ଅଭିମାନ ଛାଡ଼ି କାହାକୁ କହିବି,
ହୃଦୟ ତଳର କଥା।

କେମିତିକା ପ୍ରେମ ଭଙ୍ଗା କାଚ ପରି,
ବେସୁରା ବଇଁଶୀ ସୁର;
ଇତସ୍ତତଃ ଭାବ କେତେ ପରାଭବ,
ଲାଗୁଥିଲା ମନେ ଡର।

ଭାବିଲି ନିରତେ କିଏ ଚୋରି କଲା,
ଜହ୍ନ ମୋ ଯାଇଛି ହଜି;
କାହା ଅନୁରୋଧେ ଦୂରେଇ
ଗଲା ସେ ଗଲା,
ହୋଇ ତା' କଥାରେ ରାଜି।

ବହୁ ଦୂରେ ପ୍ରୀତି ଲାଗଇ ଲୁଣିଆ,
ଅଭାବେ ସ୍ୱାଦକୁ ସହେ;
ସମ୍ପର୍କ ରହିଛି ସାତ ଜନମକୁ,
ସଂସାରଟା ଯାହା କହେ।

ପ୍ରିୟା ଅଭିମାନୀ ସୁନ୍ଦରୀ ଜହ୍ନ ମୋ,
ଶୁକ୍ଳ ପକ୍ଷେ ଦିଏ ଧରା;
କୃଷ୍ଣ ପକ୍ଷକୁ ସେ ଅବୁଝା ଚାନ୍ଦିନୀ,
ବୁଝିଲି ଶେଷକୁ ପରା।

+ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ:୯୪୩୮୧୧୪୩୬୮

# କବିତାମାଳା

## ବରଷା ତୁମେ ଗୋ
### ଜଗମୋହନ ପ୍ରଧାନ

ବରଷା ତୁମେ ଗୋ ଫୋରିଗଲ କାହିଁ
ଆଉ କ'ଣ ଦେଖା ନାହିଁ
ଭିଜିବା ପାଇଁ ମୋ ପ୍ରିୟା ଯେ ବସିଛି
ତୁମରି ବାଟକୁ ଚାହିଁ।

ନିଦାଘ ତ ଏବେ ଯାଇଛି ଯେ ଫେରି
ତୁମେ ବି ଯାଇଛ ଫେରି
ଆକାଶ ଛାତିରେ ନିତି ଯେ ଆସୁଛ
ବରଷି ବାକୁ ହେ ଡେରି।

ଆସ ଗୋ ବରଷା ନିରବେ ନିଶବ୍ଦେ
ଶୀତଳ ପରଶ ନେଇ
ପ୍ରେମ ସିଂହରଣ ଖୋଲିଯାଉ ମନେ
ତୁମ ଭିଜା ସ୍ୱର୍ଶ ପାଇ।

ନବବଧୂ ସିଏ ତ ନବ ଯୌବନ
ନବରୂପ ରେଖା ନେଇ
ଝିଅଟିରୁ ସିଏ ବଧୂ ସେ ସାଜିଛି
ମୋ ଘରରେ ପାଦ ଦେଇ।

ବରଷି ଯାଅ ହେ ବରଷା ତୁମେ ଗୋ
ମଧୁ ଭରା ବିନ୍ଦୁ ନେଇ
ସେଇ ମଧୁରରେ ମଧୁ ଭରା ହସେ
ପ୍ରିୟାକୁ ଯାଅ ଭିଜାଇ।

+ ଶକୁନ୍ତଳାପୁର, ଯାଜପୁର

## ଏକା ଏକା ମୁଁ
### ପ୍ର. ଗିରିଜା ଶଙ୍କର ଶର୍ମା



କୋଳାହଳ ଭିତରେ ହଜିଯାଏ ନୀରବତା
ମୁଁ ସେମିତି ହଜି ଯାଏ ଭିଡ଼ ଭିତରେ
ତଥାପି ମୁଁ ଏକା ଥାଏ
ମୋ ନିଜ ଭାବନାର ଗୋଲକ ମଧ୍ୟରେ।

ମୋତେ କେବେ ଖୋଜନା
ମଣିଷଙ୍କ ବିପଣୀରେ,
ମୁଁ ଥାଏ ଫୁଟିଥିବା ଫୁଲର ସୁରଭିରେ
ନୀଡ଼ ହରା ପକ୍ଷୀର କରୁଣ ରାଗିଣୀରେ
ଝରଣାର ମର୍ମରରେ
କୌଣସି ଗାଇଆଳ ଟୋକାର
ଗାଉଁଲି ଗୀତରେ
ମୁଁ ଯେଉଁଠାରେ ବି ଥାଏ
ନିଜ ଭାବରେ କଳ କଳ ଛଳ ଛଳ ହୋଇ
ବହି ଯାଉଥାଏ ଶବ୍ଦର ସ୍ରୋତରେ।

କବିଟିଏ କଣ ଆଉ ହୁଅନ୍ତା ଯେ ?
ସେ ତ ଶବ୍ଦର ଜାଲ ବୁଣେ
ରାତିର ଅନ୍ଧାରରେ ଆକାଶ ପୋଖରୀରେ
ନିଜ ଆଲୁଅରେ ମୁହଁ ପଖାଳି
ପହଁରୁ ଥିବା ତାରା ମାନଙ୍କ ପାଇଁ
ତ କବିଟିଏ ଅନେଇ ଥାଏ
ଗୋଟିଏ ପରେ ଗୋଟିଏ ତାରା ଖଞ୍ଜି
ମାଳଟିଏ କରିବାକୁ ।


ନିଃସଙ୍ଗତା ସବୁବେଳେ ନିରୀହ ନୁହେଁ
ବେଳେବେଳେ ସନ୍ତ୍ରାସବାଦୀ ପରି
ହୃଦୟରେ ଆରଡିଏକ୍ସ ଫୁଟାଏ
ଛିନ୍ ଛତ୍ର କରିଦିଏ ଏକାଗ୍ରତାକୁ
ଭାବନାର ଲାଶ ସବୁ
ବିଛେଇ ପଡ଼ନ୍ତି ଅଗଣାରେ
କେତେ କେତେ କବିତାର ଭ୍ରୂଣ ହତ୍ୟା ହୁଏ।

ନିଃସଙ୍ଗତ ବେଳେବେଳେ ବହୁତ କିଛି ଦିଏ
ସେ ଦିଏ ଶବ୍ଦର ପ୍ରବହମାନ ଧାରା
ସୁନ୍ଦର ଶବ୍ଦର ସମାହାର।

ଦେଖୁ ଦେଖୁ ଗଢି ହୁଏ
ତାଜ ମହଲ, କୋଣାର୍କ ଅବା
ଏକ ଭବ୍ୟ ଇମାରତ।
ଯେଉଁଠି ଶୋଭାପାଏ କବିତା ସୁନ୍ଦରୀ
ଦେଖାଇ ତା ନିଜ ଶବ୍ଦର ଯାଦୁଗରି ।

+ଧନ କଉଡ଼ା, ସମ୍ବଲପୁର -୭୬୮୦୦୬
ମୋ: ୮୯୧୭୪୯୪୦୯୫

## ସାରସ୍ୱତ ଆକାଶରେ ଧ୍ରୁବତାରାଟିଏ...
### ଡ଼ା.ମନୋରଞ୍ଜନ ଦାଶ



ସାରସ୍ୱତ ସଂଗଠନରେ ସିଏ
ସବୁରି ମନ ଓ ଆତ୍ମାକୁ
ବାନ୍ଧି ରଖିବାରେ ବେଶ୍ ଧୂରୀଣ ।
ଖାଲି ସେତିକିରେ ନୁହେଁ,
ଓଡ଼ିଆ ଭାଷା ସାହିତ୍ୟରେ
ଅଧ୍ୟାପନା, ପ୍ରବନ୍ଧ, କବିତା ଓ
ଗଳ୍ପ ରଚନାରେ ଓଜାଡି ଦିଅନ୍ତି ସେ,
ଭାବ ଓ ଭାଷାର ଆବେଗକୁ
ସାରସ୍ୱତ ଅଗଣାରେ...
ନିଜ ସୃଜନର କଳାତ୍ମକ ଗୁଣ ପାଇଁ
ସିଏ ଅହଂକାର କି ଔଦ୍ଧତ୍ୟକୁ
ପରଶନ୍ତି ନାହିଁ କେବେ ।
ସ୍ଥିତପ୍ରଜ୍ଞର ଦର୍ଶନରେ ଜୀବନକୁ
ଖୋଜନ୍ତି ସିଏ ।
ଅମୃତ ସଂପର୍କର ପରିଧିରେ
ବେଶ୍ ତୃପ୍ତି ତାଙ୍କର।
ଛଳନା କି ପ୍ରତାରଣାର ଡଙ୍ଗା ରେ
ନ ଉକା ବିହାର କରନ୍ତିନି କେବେ ସିଏ !

ବରଂ ଏପଟେ ଏକାକୀ ଆକାଶ ଓ
ସମୁଦ୍ର ସହ ଗୁଣ୍ ଗୁଣେଇ ହେବାଟା,
ଖୁବ୍ ଭଲ ବୋଲି ପଣ କରି ନିଅନ୍ତି,
ସାହିତ୍ୟିକ ଡ଼ ନୀଳମଣି ଲେଙ୍କା।
ସମୟର ଛକା ପଞ୍ଝା ଖେଳରେ
ହାରିବା କି ଜିତିବାକୁ ପରବାୟ
ନ ଥାଏ ତାଙ୍କର।
ମେଞ୍ଚାଏ ସ୍ୱଷ୍ଟୋକ୍ତିକୁ ଗଳାରେ ଲମ୍ବାଇ
ସୃଜନ ଗାଲିଚାରେ ପଡି ବସନ୍ତି ସିଏ
ମନୋରଞ୍ଜନର 'ଶବ୍ଦ ସହ ଏକାନ୍ତରେ'
କବିତା ସମ୍ଭାରକୁ....

+ପ୍ରଭାବତୀ ନିଳୟମ୍, ବେଲତଳ
ପଟ୍ଟାମୁଣ୍ଡାଇ,ଜି: କେନ୍ଦ୍ରାପଡ଼ା
ମୋ ପ୯୪୩୭୩୧୭୭୨୨

## ମଣିଷ ହେଲିନି ବୋଧେ
### ତାରାପ୍ରସାଦ ଜେନା



ଲୁହ ସିନା କା'ର ଦୁଇଧାର ବୋହେ ମୋ ଲୁହ ଦରିଆ ବୋହେ
ଦୁଃଖର ଉଜାଣି ଏମିତି ଉଠୁଛି ମରିବା ଲାଗୁଛି କୋହେ ।
ଆଖିଥାଇ ଆଜି ଭଲ ଦେଖୁନାହିଁ ମନ୍ଦର ହାବୁଡ଼େ ପଡ଼ି
ଆଠଘଡ଼ି ମୋର କେମିତି କଟୁଛି ଜାଣୁନି ସଳଖ ଧାଡ଼ି ।

ଦରଦୀ କାହାକୁ ବାଛିବାର ବେଳ ସରି ମୋ ଗଲାଣି ପଛେ
ସତ ଦେଉଳରେ ପଶି ବାହାରିଲି ହାବୁଡ଼ି ଯାଉଛି ମିଛେ ।
ସୁଖ ସରଗକୁ ନିଶୁଣୀ ମୋ ନାହିଁ ଅଧାରେ ଅଟକି ଯାଏ
ସ୍ୱପ୍ନ ମୋର ସବୁ ତାସ୍ ଘର ପରି ଭୂମିରେ କଚାଡୁଥାଏ ।

ନିରୀହ ପଣକୁ ବନ୍ଧା କରି ଆଉ ବଢ଼ାଇ ହେଉନି ଧନ୍ଦା
ହସ ଯେତେ ଥିଲା ଓଠୁ ଲିଭିଗଲା ଆବୋରି ବସିଛି ମାନ୍ଦା ।
ଦୋଷ ଦେଇ ହେଲେ ଗୁଣ ଖୋଜିବାର ବିଚାର ଚାଲୁନି ଆଜି
ଆକୁଳ ତୃଷାକୁ ମୃଗତୃଷ୍ଣା ସିନା ଆଶାର କ୍ଷଣିକ ରାଜି ।

ନିଜର ଭିତରେ ନିଜକୁ ଚିହ୍ନୁନି, ମଣିଷ ହେଲିନି ବୋଧେ
ଲୁହ କାଳେ ଲହୁ ନିଗାଡ଼ି ପଡୁଛି, ଜୀଇବା ଅଧିକ ବାଧେ !

+ ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍-୭୫୨୦୨୬,
ମୋ: ୯୩୪୮୦୫୪୩୦୦

## ଘଟୁ କେତେ
### ଲକ୍ଷ୍ମୀପ୍ରିୟା ମାଇତି



ଦୁଷ୍ଟାମୀର କେଇଟା ସୋପାନ ପାଇଁ
ଏବେ ମଧ ସାଉଁଟିବାକୁ ହୁଏ ହଜାରେ ଜହ୍ନ ରାତି
ଗଣିବାକୁ ହୁଏ ଆକାଶ ଛାତିର ତାରା।

ଏମାନେ ସେଦିନ ପରି
ଆଉ ଏତେ ପାଖାପାଖି ଲାଗନ୍ତିନି
ନିଜର ଭଳି ବାନ୍ଧି ପାରନ୍ତିନି ତାଙ୍କ ମାୟାରେ
ରଖିପାରନ୍ତିନି ତାଙ୍କ ଛାୟାରେ।

ଏମାନେ ଖାଲି ମନେପକେଇ ଦିଅନ୍ତି
ହେଲେ ଏଇ ଅପରାହ୍ନରେ ଦେଖେଇ ପାରନ୍ତିନି ସ୍ୱପ୍ନ
ୟାଙ୍କ ଦେହରେ ଆଉ ଦିଶେନି ଜମା
ଅନୁପମ ଆଉ ଅଭିସାରିକାର ବେଶ
ଓଲଟି ପଡେ ମାଘରୁ ହୁଏ ପୁଷ
ଜମାଟ ବାନ୍ଧେ ମନ ଧମନୀରେ ଯେତେ ସବୁ ଅବସୋସ।

ନା ଫେରିବ ସେ ଶୈଶବ
ନା ଫେରିବ କୈଶର
ନା ଫେରିବ ସେ ଯୌବନ
ତଥାପି ସରୁନି ସୃତିର ଆୟୁଷ
ସେଇ ଟିକକ ପାଇଁ ଚାଲେ ଭାବନାର ଭିଡ଼
ତେଣୁ ଘଟୁ ଯେତେ ସର୍ବନାଶ।

+ ବଗଡ଼ା, କେନ୍ଦ୍ରାପଡ଼ା
ମୋ: ୯୪୩୯୫୩୭୫୯୨

## ପର୍ବତ ଶିଖରେ ପଦୁଅଁ ଫୁଟିଛ
### ହରିଶ୍ଚନ୍ଦ୍ର ବେହେରା



ପର୍ବତ ଶିଖରେ ପଦୁଅଁ ଫୁଟିଛି
ନାହିଁ ଟିକେ ପାଣି ପଙ୍କ
ତଥି ପରେ ଯେଉଁ ଦିଅଁ ବସିଛିଲୋ
ଦେଖିବାକୁ ମନ ରଙ୍କ ।

ଠୁଳ ଶୁନ୍ୟ ପରେ ମନ୍ଦିରର ଶୋଭା
ଭିତରେ ତ ଚକା ଆଖି
ମନ୍ଦିର ବେଢ଼ାରେ କଳପ ବଟ ଲୋ
ଖେଳୁଛନ୍ତି ଦୁଇ ପକ୍ଷୀ
କାହିଁ ଦିଶୁ ନାହିଁ ଶଙ୍ଖୁଆ ସେବକ
ତୁହାଇ ବାଜୁଛି ଶଙ୍ଖ ।

ବାଇଶି ପାହାଚେ ମୀନ ଖେଳିବ ଲୋ
ଚମକି ଉଠୁଛି ହିୟା
ଗରୁଡ଼ ପକ୍ଷୀ ତ ଜଗି ବସିଛି ହୋ
ମାରିନେବ ପାରିଧିଆ
ଦଦରା ନାଆକୁ କେଉଁ ଭରସା ଲୋ
ଛାତି ହୁଏ ଦକ ଦକ ।

ପାଞ୍ଚ ମନ ଆଉ ପଚିଶି ପ୍ରକୃତି
ଦେଖି କର କାରବାର
ଠୁଳ ଶୁନ୍ୟକୁ ତୁ ଲୟ ନ ରଖିଲେ
ହୋଇଯିବୁ ନାର ଖାର
କୈବଲ୍ୟ ହାଟରୁ ଗହ ଗହ ଶୁଭେ
ଟଙ୍କ ତୋରାଣି କି ରଙ୍କ ।

+ କଲ୍ୟାଣ ନଗର, ବାଲେଶ୍ୱର
ମୋ: ୯୪୩୭୮୧୩୭୦୯

## କବି ମାନେ
### ଝରଣା ବାରିକ



କବି ମାନେ ଏଠି କବିତା ପଢ଼ନ୍ତି
କବି ମାନେ ଏଠି ଶ୍ରୋତା
କବି ମାନେ ଏଠି ମଞ୍ଚରେ ବସନ୍ତି
କବି ମାନେ ଏଠି ବକ୍ତା।

କବି ମାନେ ଏଠି ବଡ଼ ସାନ କହି
କରୁଥାନ୍ତି ଗୁଣ ଗାନ
କବି ମାନେ ଏଠି ଦୁଇ ଧାଡ଼ି ଲେଖି
ବଖାଣନ୍ତି ନିଜ ଜ୍ଞାନ।

କବି ସମ୍ମିଳନୀ ମାନେ ଏଠି କବି
କବିତା ପଢ଼ନ୍ତି ନେଇ,
ନିଜ ନିଜ ମଧେ ମାନ ସନମାନ
ଆଉ ପାଆନ୍ତି ନି କେହି।

ଜ୍ଞାନର ମୂଲଟା କିଛି ନୁହେଁ ଏଠି
ସାଧନାର ମୂଲ୍ୟ ନାହିଁ,
ଚିହ୍ନି ବେନି କେହି ଯେତେ ଭଲ ଲେଖ
ଯଦି ପାଖେ ଧନ ନାହିଁ ।

ଏସବୁ ଧନ୍ଦାରେ ନ ପଶିବ ଯିଏ
ସିଏ ନିଶ୍ଚେ ଆଗେଇବ,
ଆଜି ନ ହେଲେ ବି କାଲି ତାର ଗୁଣ
ଜଗତେ ପ୍ରକାଶ ହେବ।

+ସମଲ, ତାଳଚେର, ଅନୁଗୋଳ
ମୋ:୯୫୫୬୮୪୬୯୩୨

## ବିଚିତ୍ର ଏ ଚିତ୍ରଣ
### ପ୍ରତିଭା ଦାଶ



ଜୀବନର ଲକ୍ଷ୍ୟ ଅଟଇ ଯେ ଶିକ୍ଷା
ଦେଇଥାଏ ଏଇ ଧରା
ଘର ବିଦ୍ୟାଳୟ ପରିବେଶ ଅଟେ
ଶିକ୍ଷାର ଆବାସ ପରା ।

ଅଭିଧାନ ଜ୍ଞାନେ ମଣିଷ ବଢ଼ଇ
କରଇ ମହତ କାମ
ଆଚାର ବିଚାର ସଂସ୍କାର ଶିଖଇ
ରଖେ ଯେ ତାହାର ନାମ ।

ପୃଥିବୀ ଜାଣିଛି ନିଉଟନ ନୀତି
ବୈଜ୍ଞାନିକ ରୂପେ ଜଣା
ପାଇଲଟ କରି ପୁନର୍ଜନ୍ମ ଦେଲେ
ପିଲେ ହେଲେ ବାଟବଣା ।

ବାଘଟି ଜନ୍ମରୁ ଅଟଇ ମାଂସାଶୀ
ଖାଇଲା ଅଙ୍ଗୁର ପେନ୍ଥା
ପାଠ୍ୟ ପୁସ୍ତକରେ ସମାଜ ଚିତ୍ରଣ
କରିଲେ ସବୁ ଓଲଟା ।

ପଠିତ ପୁସ୍ତକେ ତ୍ରୁଟି ରହିଥିଲେ
ପିଲେ ଅର୍ଜିବେ କି ଶିକ୍ଷା ?
ଅନୀତି ଦୁର୍ନୀତି ଚୋରୀ ଅତ୍ୟାଚାର
ହୋଇବ ତାଙ୍କ ଦୀକ୍ଷା ।

+ ନୂଆପଡ଼ା

## ମାନମୟୀ ରାଧା
### ପ୍ରଶାନ୍ତ କୁମାର ଦାଶ



ଭାଙ୍ଗି ତୁମ ଦରଫୁଟା ଅଭିମାନ
ଦିନ ଫେରିଗଲା ପରେ
ମାନମୟୀ ମୋର ମାନିନୀ ରାଧିକା
ଫେରିଆସ ପାଶେ ଥରେ ।

ମୋହନ ବଂଶୀର ସୁର ତାଳେ ମୋର
ତନୁ ମନ ଯାଏ ନାଚି
କରିଛି ପ୍ରତୀକ୍ଷା ସରାଗେ ତୁମକୁ
ପ୍ରଣୟର ଆଶା ସଞ୍ଚି ।

ଜହ୍ନର ଜୋଛନା ଖସିଲେ ଆକାଶୁ
ସ୍ନିଗ୍ଧାରୂପ ତୁମ ଦିଶେ
ଚୁମ୍ବନର ଚୋରା ତାତିରେ ଗାଲରେ
ଆଖିଲୁହ ତକ ମିଶେ ।

ଆସି ଫେରିଯାଏ ନୀରବ ଉଦାସ
ଅସୁମାରୀ ଜହ୍ନରାତି
ପ୍ରଣୟ ନିଆଁରେ ଜଳି ଜଳି ମୁଁଯେ
ନିରାଶ ହୁଅଇ ସାଥୀ ।

ମଉଳିଯାଏ ମୋ ମନ ହୃଦୟରୁ
ପ୍ରେମ ଶେଷେ ଫୁଲ ପରି
ଦୁନିଆ କୁରେ ରହିଯାଏ ସଖୀ
ଛାତିରେ କୋହକୁ ଭରି ।

କଦମ୍ବ ନର ଶୁଷ୍କ ତରୁ ସମ
ଶୁଖିଯାଏ ପ୍ରେମ ନଈ
ଗାଏ ଅନୁରାଗ ଗୀତ ଅପ୍ରମିତ
ନୀରବ ଉଦାସେ ରହି ।

ମୋ ମନ ହୃଦରେ ଜଳୁଛି ସଜନୀ
ଯୌବନର ଦୀପଶିଖା
ତୁମପାଇଁ ସାଥୀ ଡେଇଁପାରେ ମୁଁଯେ
ସମାଜ ଲକ୍ଷ୍ମଣରେଖା ।

+କୁଞ୍ଜର, ସଙ୍ଗଳାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଶୀର୍ଷାସନ
### ଆନନ୍ଦ କୁମାର ମାଇତି



ଆଜିକାଲି ପ୍ରାପ୍ୟ ଖୋଜିବାଟା କାଳେ
ଭାରି ଅଶୋଭନ।
ତେଣୁ ସଭିଙ୍କୁ ଶିଖା ଯାଉଛି
ମୁଣ୍ଡ ନୁଆଁଇ ରଖିବାର ବିଜ୍ଞ କୌଶଳ।

ଯାର ପେଟ ଖାଲି
ତାକୁ କୁହାଯାଇଛି
ତୁ ଢେର୍ ଢେର୍ ଆରାମ କର
ଭୋକ ବେଳେ
ଆରାମ କରିବା ଏକ ପ୍ରାଚୁର୍ଯ୍ୟ।

ଏବେ ମହାର୍ଘ୍ୟ ବେଳେ
ବଣ୍ଟା ଚାଲିଛି ଉପଦେଶ
ଆଉ ଭୋକ ବେଳେ
ଶୀର୍ଷାସନରେ ବସିବାର ନିର୍ଦ୍ଦେଶ,
ଯେମିତି ଖାଲିପେଟର ଅବଶେଷ କୁ
ଲୁଣ୍ଠନ କରାଯାଇପାରେ ଅନାୟାସରେ।

ଏଠି ସାରା ପରିବେଶରେ
ନୀରବ ପ୍ରତିବାଦ
କିନ୍ତୁ ସଭିଏଁ ବୈଠକ ରେ ବସିଛି
ଗଠନ କରିବାକୁ ଶାନ୍ତିର କର୍ମଶାଳା।
କେହି ପୁଣି ଗୀତାର
ଶ୍ଳୋକ ଉଦ୍ଧୃତି କରି କହେ....
କର୍ମ କର , କିନ୍ତୁ
ଫଳ ବଗିଚାର ମାଲିକ କିଏ
ସେ କଥା ସଦା ଗୋପନ ଥାଉ।

+ ବଗଡ଼ା, କେନ୍ଦ୍ରାପଡ଼ା
ମୋ ୬୩୭୦୪୧୯୦୫୦

## କୁମାରୀତ୍ୱର କାଠଗଡ଼ାରେ
### ସ୍ୱାଗତିକା ତରାଇ



ସତୀ ଆଜି ଅଗ୍ନିକୁଣ୍ଡରେ ଜଳେନି,
ଜଳେ ସମାଜର ପ୍ରଶ୍ନର ଅଗ୍ନିରେ,
ପ୍ରତି ପାଦେ ତା'ର ଚରିତ୍ର ମାପାଯାଏ,
କୌଣସି ଅଦୃଶ୍ୟ ମାପକ ଯନ୍ତ୍ରରେ।

କୁମାରୀତ୍ୱର ଏକ ବିନ୍ଦୁ ରକ୍ତକୁ,
ପବିତ୍ରତାର ପ୍ରମାଣ କୁହାଯାଏ,
କିନ୍ତୁ ପୁରୁଷର ହଜାର ଭୁଲକୁ,
ଅଭିଜ୍ଞତା ବୋଲି ସଜାଯାଏ।

ଦେହରେ ଖୋଜନ୍ତି ସତୀତ୍ୱ,
କେହି ଦେଖନ୍ତିନି ପବିତ୍ରତା ମନର ,
ଝିଅ ହୃଦୟ ଭରି ଭଲପାଏ,
କେହି ବୁଝନ୍ତିନି ମୂଲ୍ୟ ଏଠି ଲୁହର।

ପ୍ରେମ କଲେ ଚରିତ୍ରହୀନା,
ଚୁପ୍ ରହିଲେ ଅହଙ୍କାରୀ,
ଏ ସମାଜର ଅଦ୍ଭୁତ ନ୍ୟାୟରେ,
ସବୁବେଳେ ଦୋଷୀ କେବଳ ନାରୀ।

ଆଜିର ସତୀ ଅଗ୍ନିରେ ନୁହେଁ,
ନିଜ ସ୍ୱପ୍ନକୁ ପ୍ରତିଦିନ ଜାଳେ,
ସବୁଙ୍କ ଖୁସି ପାଇଁ ହସୁଥାଏ,
ନିଜ ଯନ୍ତ୍ରଣାକୁ ଛାତିରେ ଚାପିରଖି ଚାଲେ।

ସତୀ ମାନେ କୁମାରୀତ୍ୱ ନୁହେଁ,
ସତୀ ମାନେ ନିଷ୍ଠା ଓ ସମ୍ମାନ,
ନାରୀ ନିଜ ଆତ୍ମସମ୍ମାନ ପାଇଁ
ଲଢ଼େ ନିରବରେ ପ୍ରତିକ୍ଷଣ।

ଦିନେ ଏ ସମାଜ ବୁଝିବ,
ଶରୀର ନୁହେଁ ନାରୀର ମୂଲ୍ୟ,
ତା'ର ସତ୍ୟ ପ୍ରେମ ଓ ଆତ୍ମସମ୍ମାନ,
ସେହି ହିଁ ତା'ର ସତୀତ୍ୱର ପରିଚୟ ?

+ ଜେଲରୋଡ଼୍, ବାଲେଶ୍ୱର

## ମାଟିର ଲୁହ
### ବିକାଶୀ ପ୍ରିୟଦର୍ଶିନୀ ରାଉତ



ଯେଉଁ ମାଟିରେ ଦୁର୍ଗା ପୂଜା ପାଉଛି,
ସେଇ ମାଟିରେ ଦୁର୍ଗା ଆଜି ଡରୁଛି।
ସକାଳର ଖରା ଦେହରେ ପଡ଼ିଲେ ବି,
ଝିଅର ଛାତିରେ ଅନ୍ଧାର ଜମୁଛି।

ସେ ସ୍କୁଲ ଯାଏ, କଲେଜ ଯାଏ,
ବହିଖାତା ସାଙ୍ଗରେ ସ୍ୱପ୍ନ ନେଇ ଯାଏ।
ହେଲେ ଫେରିବା ରାସ୍ତାରେ କିଏ ଜାଣେ
କେଉଁ ମୋଡ଼ରେ ଅପେକ୍ଷା କରିଛି ମୃତ୍ୟୁ ?

ଘର କବାଟ ବନ୍ଦ କଲେ ବି
ନିଶ୍ୱାସ ବନ୍ଦ ହୋଇଯାଉଛି।
ଯେଉଁ ଚାରି କାନ୍ଥ ସୁରକ୍ଷା ଦେବା କଥା,
ସେଇ କାନ୍ଥ ଭିତରେ ବି ଛାଇ ଲୁଚିଛି।

ନ୍ୟାୟ ମାଗିଲେ ଫାଇଲ ଘୁଞ୍ଚେ,
ତାରିଖ ପରେ ତାରିଖ ଗଡ଼େ।
ମା'ର ଆଖିର ଲୁହ ଶୁଖିଯାଏ,
ହେଲେ ପ୍ରଶ୍ନ ଶୁଖେନାହିଁ,

"ମୋ ଝିଅ କ'ଣ ଭୁଲ କରିଥିଲା ?"

ଭାଷଣର ମଞ୍ଚରେ ନାରୀ ଶକ୍ତିର କଥା,
ପୋଷ୍ଟରରେ ହସୁଥିବା ମୁହଁର ଛବି।
ହେଲେ ଗାଁ ଦାଣ୍ଡରେ ଯେଉଁ ଝିଅ ଚାଲୁଛି,
ତା ପାଦ ତଳେ କାହିଁକି ଥରୁଛି ମାଟି ?

ଶାସନ ବଦଳେ, ଚେହେରା ବଦଳେ,
ପ୍ରତିଶ୍ରୁତିର ରଙ୍ଗ ବି ବଦଳେ।
ହେଲେ ଗୋଟେ ଖବରକାଗଜର କୋଣରେ
ପ୍ରତିଦିନ କାହିଁକି ଜନ୍ମ ନେଉଛି

ଆଉ ଗୋଟେ ନାମ, ଆଉ ଗୋଟେ ବୟସ,
ଆଉ ଗୋଟେ ଅଧା ରହିଯାଇଥିବା ଜୀବନ ?

ଆଇନର ବହି ମୋଟା ହେଉଛି,
ହେଲେ ଛାତିର ସାହସ ପତଳା ହେଉଛି।
ଯେଉଁ ଦେଶ ମା'କୁ ଦେବୀ କହେ,
ସେଇ ଦେଶରେ ଝିଅ କାହିଁକି
ନିଜ ନିଃଶ୍ୱାସକୁ ବି ଗଣି ଗଣି ନେଉଛି ?

ଏ ପ୍ରଶ୍ନ କୌଣସି ଦଳର ନୁହେଁ,
ଏ ପ୍ରଶ୍ନ କୌଣସି ରଙ୍ଗର ନୁହେଁ।
ଏ ପ୍ରଶ୍ନ ପ୍ରତିଟି ଘରର, ପ୍ରତିଟି ମା'ର,
ପ୍ରତିଟି ଭାଇର, ପ୍ରତିଟି ମଣିଷର।

ଯେଉଁଦିନ ଝିଅଟିଏ ଅନ୍ଧାରକୁ ନଡରି
ମୁଣ୍ଡ ଟେକି ଚାଲିପାରିବ,
ଯେଉଁଦିନ ନ୍ୟାୟ ଫାଇଲରେ ନୁହେଁ
ଆଖିର ଲୁହ ପୋଛିବାରେ ମିଳିବ,
ସେଦିନ ଜାଣିବା,
ମାଟି ସତରେ ମା' ହୋଇଛି।

+ ବଡ଼ପଲ୍ଲୀ, ରାଜନଗର
କେନ୍ଦ୍ରାପଡ଼ା

# ସିପିଆଇ(ଏମ) କର୍ମୀ ସଭା, ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସିପିଆଇ(ଏମ)ର ଶକ୍ତିବୃଦ୍ଧି ପାଇଁ ଆହ୍ୱାନ

ଭଦ୍ରକ, ୨୯/୦୬ (ନି.ପ୍ର): ଓଡିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ 'ବିନାଶ ର ଧାରା ଓଡିଶା ସାରା ' ସଂପୂର୍ଣ୍ଣ ପରିଲିକ୍ଷିତ ହୋଇଛି ବୋଲି ସିପିଆଇ(ଏମ) ଜିଲ୍ଲା କମିଟି ମତବ୍ୟକ୍ତ କରିଛି । ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟସେବା ରେ ଚରମ ଅବନ୍ନତି, ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ପ୍ରାୟ ୨୨୦୦ ତ୍ରୁଟି, ପେଟ୍ରୋଲ, ଡିଜେଲ, ସିଏନଜି ଓ ଜାଳେଣି ଗ୍ୟାସର ସଂକଟ, ଭତା ନପାଇ ବୃଦ୍ଧ ବୃଦ୍ଧା ଆତ୍ମହତ୍ୟା କରିବା, ଧାନର ଅଭାବୀ ବିକ୍ରି ଓ ଚାଷୀ ଆତ୍ମହତ୍ୟା, ଏମ୍ ଜି ଏନ୍ ଆର ଇଜିଏ ଆଇନ ରଦ୍ଦ, ଶ୍ରମିକ ସପକ୍ଷବାଦୀ ଶ୍ରମ ଆଇନ ବାତିଲ କରିବା ଆଦି ଜନବିରୋଧି କାର୍ଯ୍ୟକ୍ରମ ବିଜେପିର 'ବିନାଶ ର ଧାରା ଓଡିଶା ସାରା ' ଓ 'ବିନାଶର ଧାରା- ଭାରତ ସାରା' କୁ ପ୍ରତିଫଳିତ କରୁଛି । ଗତ ୨ ବର୍ଷରେ ଆମ ରାଜ୍ୟରେ ୬୦୦୦୦ କୋଟି ଟଙ୍କା ଅଧିକ ଋଣ କରିବା, ରାଜ୍ୟର ୧୪ ଟି ଖଣିକୁ ବହୁଜାତୀୟ କଂପାନୀ ଗୁଡିକୁ ବିକ୍ରି କରିବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା, ଭୁବନେଶ୍ୱରରେ ଅବସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ବିକ୍ରି, ଦୈତାରୀ- ପାରାଦ୍ୱୀପ ଏକ୍ସପ୍ରେସ୍ ରାଜପଥ ଘରୋଇକରଣ, କଳିଙ୍ଗ ଅଶୋକା ହୋଟେଲ ଓ ପୁରୀରେ ଅବସ୍ଥିତ ବିଏନଆର ହୋଟେଲ ବିକ୍ରି ଘଟଣା ବିଜେପି ସରକାର ଙ୍କ ଅପାରଗତା ଓ ବିନାଶର ଧାରାକୁ ପଦାରେ ପକାଇଛି ବୋଲି ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଭଦ୍ରକରେ ଅନୁଷ୍ଠିତ ସିପିଆଇ(ଏମ) କର୍ମୀ ସଭାରେ ପ୍ରକାଶ କରିଥିଲେ । ରାଜ୍ୟରେ ବିକାଶ ମୂଳକ କାର୍ଯ୍ୟ ପରିବର୍ତ୍ତେ କେବଳ କଂଗ୍ରେସ ଓ ବିଜେଡି ସରକାର ନିର୍ମାଣ କରିଥିବା ଭିତିଭୂମି ଉପରେ ବିଜେପି ସରକାର କେବଳ ରଙ୍ଗ ମାରିଛି ଓ ପ୍ରକଳ୍ପ ଗୁଡିକର ନାମ ବଦଳାଇଛି ବୋଲି ସିପିଆଇ(ଏମ) ରାଜ୍ୟ ନେତା ଶ୍ରୀ ଦାସ ପ୍ରକାଶ କରିଥିଲେ । ରାଜ୍ୟର ଶିକ୍ଷିତ ଯୁବକ ଯୁବତୀ କାମ ନପାଇ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ପ୍ରତ୍ୟେକ ଦିନ ଯାଉଥିବା ବେଳେ ରାଜ୍ୟର କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରି ବିଜେପି କେବଳ ଉତ୍ସବ ପାଳନ କରିବା ଦୁର୍ଭାଗ୍ୟ ବୋଲି ସିପିଆଇ(ଏମ) ଉଦବେଗ ପ୍ରକାଶ କରିଛି । ବିଜେପିର ଏହି କୁକର୍ମ ଓ ଅପାରଗତା ବିରୁଦ୍ଧରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ପରାସ୍ତ କରି ସିପିଆଇ(ଏମ)ର ଶକ୍ତି ବୃଦ୍ଧି କରିବାକୁ ସିପିଆଇ(ଏମ) କର୍ମୀ ସଭାରେ ରାଜ୍ୟ ନେତା ସନ୍ତୋଷ ଦାସ ଆହ୍ୱାନ ଜଣାଇଥିଲେ । ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସଭାରେ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ମଳୟ ଭୋଇ, କାଳନ୍ଦୀ ପାତ୍ର, ଜୟନୂଲ ଆବେଦିନ, ଗୟାଧର ସାହୁ, ଗିରିଧାରୀ ନାଥ, ବରିଷ୍ଠ ନେତା ନିରଞ୍ଜନ ପାଣି, ଗୌରାଙ୍ଗ ଯେନା, ସେକ୍ ସନାଉଲ୍ଲା, ମହିଳା ନେତ୍ରୀ ସୁରଜିତା ନାୟକ ପ୍ରମୁଖ ପାର୍ଟିର ସାଂଗଠନିକ ଶକ୍ତି ବୃଦ୍ଧି ସଂପର୍କରେ ଆଲୋଚନା କରିଥିଲେ । ଆସନ୍ତା ଜୁଲାଇ ୧ ରେ ଏମ୍ ଏନ୍ ଆର ଇଜିଏ ଆଇନ ର ପୁନଃ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଓ ଆସନ୍ତା ଅଗଷ୍ଟ ୧୦ ତାରିଖରେ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱ ର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜେଲ୍ ଭରୋ ଆନ୍ଦୋଳନ କରାଯିବା ପାଇଁ କର୍ମୀ ସଭାରେ ନିଷ୍ପତି ଗ୍ରହଣ କରାଯାଇଛି । ଏହି କର୍ମୀସଭାରେ ଜିଲ୍ଲାର ବିଭିନ୍ନ ପଂଚାୟତରୁ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ ।

# ଜଗନ୍ନାଥ ପ୍ରସାଦରେ ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ



ବାସୁଦେବପୁର , ୨୯/୦୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ଥିବା ଜଗନ୍ନାଥ ମନ୍ଦିରରେ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଏହି ମନ୍ଦିର ର ମୁଖ୍ୟ ଆୟୋଜକ ତଥା ପ୍ରତିଷ୍ଠାତା ଭାଗୀରଥି ବଳ ଏହି ଦେବ ସ୍ନାନ ପୂର୍ଣ୍ଣିମା ରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ,ବଳଭଦ୍ର,ସୁଭଦ୍ରା ଠାକୁର ଙ୍କୁ ଏହି ଦିବସରେ କ୍ଷୀର ରେ ସ୍ନାନ କରା ଯାଇଥିଲା। ବ୍ରାହ୍ମଣ ପୁରୋହିତ ଠିକ୍ ଭାବେ ପୂଜା ପାଠ କରି ନୀତି କାନ୍ତି ସମାପନ କରିଥିଲେ। ବହୁ ସଂଖ୍ୟାରେ ଠାକୁରଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ ଏବଂ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ଥିଲା। ଜଗନ୍ନାଥ ମନ୍ଦିରରେ ପୂଜା ପାଠ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇ ଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ଏହି ପବିତ୍ର ମାଟିରେ ସମସ୍ତ ଭକ୍ତ ଏକତ୍ର ହୋଇ ନିଜକୁ ଭଗବାନଙ୍କ ପାଖରେ ସମର୍ପିତ କରିଥିଲେ। ଏହି ଦେବ ସ୍ନାନ ପୂର୍ଣ୍ଣିମା ରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ମନ୍ଦିର କମିଟି ସଦସ୍ୟ ହରେକୃଷ୍ଣ ଦତ୍ତ ଓ ସମସ୍ତ ସଦସ୍ୟ ଓ ଗ୍ରାମବାସୀ, ପୁରୁଷ, ମହିଳା ଏହି ଉତ୍ସବରେ ସହଯୋଗ କରିଥିଲେ।

# ସ୍ୱର୍ଗତ ପଣ୍ଡିତ ରବି ନାରାୟଣ ରଥଙ୍କ ବିୟୋଗରେ ଚକର୍ଜୁନି ଗ୍ରାମରେ ସ୍ମୃତିଚାରଣ ସଭା ଅନୁଷ୍ଠିତ




ଜଳେଶ୍ୱର, ୨୯/୦୬ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍, ସୁସାହିତ୍ୟିକ, ବିଦ୍ୱାନ ପଣ୍ଡିତ ତଥା ଶ୍ରୀମନ୍ଦିର ମୁକ୍ତିମଣ୍ଡପର ସଦସ୍ୟ ସ୍ୱର୍ଗତ ପଣ୍ଡିତ ରବି ନାରାୟଣ ରଥଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ଗତ ମଙ୍ଗଳବାର ଦିନ ଶାଳୀକୋଠା ଗ୍ରାମର ବାସିନ୍ଦା,ନୀତିନିଷ୍ଠ ବ୍ରାହ୍ମଣ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ରଥ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଅସୀମ ବିଭୂତିଯୁକ୍ତ ପ୍ରଜ୍ଞା ପୁରୁଷଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଅନ୍ତର୍ଗତ ଚକର୍ଜୁନି ଗ୍ରାମର ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗତକାଲି ସନ୍ଧ୍ୟା ୭ ଘଟିକା ସମୟରେ ଏକ ଭାବପୂର୍ଣ୍ଣ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି।ଗ୍ରାମର ମୁଖ୍ୟ ତଥା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଶ୍ରୀଯୁକ୍ତ କାର୍ତ୍ତିକେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜିତ ହୋଇଥିଲା। ସଭା ପ୍ରାରମ୍ଭରେ ସ୍ୱର୍ଗତ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।ଏହି ଅବସରରେ ସଭାରେ ଉପସ୍ଥିତ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପଣ୍ଡିତ ରଥ ଶର୍ମାଙ୍କ ଜୀବନାଦର୍ଶ,ଶିକ୍ଷା ଓ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।ସଭାରେ ପଦ୍ମଲାଭ ପ୍ରଧାନ,କୁଞ୍ଜ ବିହାରୀ ପ୍ରଧାନ,ୱାର୍ଡ ସଭ୍ୟ ମଧୁସୁଦନ ପ୍ରଧାନ,ଜଗନ୍ନାଥ ପାତ୍ର,ରବିନାରାୟଣ ଚନ୍ଦ,ମଧୁସୁଦନ ପ୍ରଧାନ, ଦିଲ୍ଲୀପ ସିଂ, ନାରାୟଣ ପ୍ରଧାନ ଏବଂ ପ୍ରଦୀପ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡିତଙ୍କ ଗୁଣଗାନ କରିଥିଲେ।ଏହା ସହିତ 'ଆମ ଗାଁ ଯୁବ ପରିଷଦ', 'ରାଧାକୃଷ୍ଣ ଭାଗବତ ଟୁଙ୍ଗୀ' ତଥା ଗ୍ରାମ ପରିଚାଳନା କମିଟିର ସଦସ୍ୟ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହି ସ୍ୱର୍ଗତ ମହାନାୟକଙ୍କ ପ୍ରତି ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଶେଷରେ ଗ୍ରାମ ପରିଚାଳନା କମିଟିର ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ ସମସ୍ତଙ୍କୁ ସାଧୁବାଦ ଓ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଛମୌଜ ପାବନ କ୍ଷେତ୍ରରେ ଶ୍ରୀଜିଉ ମାନଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ



ଜଳେଶ୍ୱର, ୨୯/୦୬ (ନି.ପ୍ର): ଦେବସ୍ନାନ ପୂର୍ଣ୍ଣିମା ଲାଗି ଚଳଚଞ୍ଚଳ ହୋଇପଡ଼ିଛି ଜଳେଶ୍ୱର ବ୍ଲକ ଅଧିନସ୍ତ ପାବନ କ୍ଷେତ୍ର ଛମୌଜ। ସ୍ନାନ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି।ଦ୍ୱାର ଫିଟା,ସକାଳ ଧୂପ,ଗୋପାଳ ବଲ୍ଲଭ ଭୋଗ ଓ ମଙ୍ଗଳ ଆଳତି ପରେ ସଙ୍କିର୍ତ୍ତନ,ଶଙ୍ଖ,ଘଣ୍ଟାରେ କମ୍ପି ଉଠିଥିଲା ପାବନ କ୍ଷେତ୍ର। ଏହି ପବିତ୍ର ତିଥିରେ ରତ୍ନବେଦୀରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁଦେବତା ଶହ ଶହ ଭକ୍ତଙ୍କ ସମ୍ମୁଖରେ କରିଛନ୍ତି ପ୍ରତ୍ୟକ୍ଷ ସ୍ନାନ।ପୁଣି ହାତୀ ବେଶରେ ସଜେଇ ହୋଇ ଦର୍ଶନ ଦେଇଛନ୍ତି ଭକ୍ତଙ୍କୁ।ନିତ୍ୟ ସେବା ସମାପନ ପରେ ଶ୍ରୀ ଶ୍ରୀ ଜୀଉଙ୍କର ଧାଡି ପହଣ୍ଡି ଦିନ ୧୨.୩୦ ରୁ ୧ ଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶ୍ରୀସୁଦର୍ଶନ,ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ସ୍ନାନବେଦୀକୁ ଆସିଥିଲେ ଜଗତରନାଥ ଶ୍ରୀଜଗନ୍ନାଥ। ଦାରୁବିଗ୍ରହମାନେ ସ୍ନାନବେଦୀରେ କରିଛନ୍ତି ପ୍ରତ୍ୟକ୍ଷ ସ୍ନାନ।ସେବକ ମାନେ ସୁବର୍ଣ୍ଣରେଖା ନଦୀରୁ ୧୦ ଗଡୁ ଜଳ ଆଣି ଚୁଆ,ଚନ୍ଦନ,କର୍ପୁର ଓ ପଞ୍ଚାମୃତ ଆଦି ରେ ଜଳକୁ ଅଧିବାସ କରାଯାଇଥିଲା।ମଧାହ୍ନ ୧.୩୦ ମିନିଟରୁ ସ୍ନାନବିଧି ସମ୍ପନ୍ନ କରାଯାଇଥିଲା।ଶ୍ରୀବଳଭଦ୍ର ୩ ଗଡୁ,ସୁଭଦ୍ରା ୨ ଗଡୁ,ଶ୍ରୀଜଗନ୍ନାଥ ୪ ଗଡୁ ଏବଂ ସୁଦର୍ଶନଙ୍କୁ ୧ ଗଡୁ ଜଳରେ ସ୍ନାନ କରାଯାଇଥିଲା। ଅନ୍ୟାନ୍ୟ ରୀତିନୀତି ସମ୍ପନ୍ନ ହେବା ପରେ ଅପରାହ୍ନ ୪ ଘଟିକାରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହୋଇଥିଲା।ରାତି ୯ ଟା ପର୍ଯ୍ୟନ୍ତ ହାତୀବେଶ ଶହ ଶହ ଭକ୍ତ ମାନେ ଦର୍ଶନ କରିଥିଲେ। ଏହାପରେ ପୁଷ୍ପାଞ୍ଜଳି ଓ ଡୋର ଲାଗି ସରିବା ପରେ ମହାପ୍ରଭୁ ସ୍ନାନବେଦୀରୁ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ।ଏହାପରେ ଆରମ୍ଭ ହେବ ଅଣସର ନୀତି।ସ୍ନାନ ପରେ ଜ୍ୱରରେ ପଡିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର।ମନ୍ଦିର ସେବକମାନେ ଏହି ଗୁପ୍ତ ସେବା କରିବେ।ମହାପ୍ରଭୁ ସୁସ୍ଥ ହେବା ପରେ ରଥରେ ବସି ଯିବେ ଜନ୍ମବେଦୀକୁ।ଅପରାହ୍ନରେ ଶ୍ରୀ ଜିଉ ମାନଙ୍କର ଅପୂର୍ବ ଗଜବେଶକୁ ଶହ ଶହ ଶ୍ରଦ୍ଧାଳୁ ମାନେ ଦର୍ଶନ କରିବା ବେଳେ ଭାବବିହ୍ୱଳ ହୋଇ ପଡ଼ିଥିଲେ।ସୌରଭ ଦାସ ମହାପାତ୍ର ଅଣସର ଘରର ସେବକ ସହିତ ଗଜାନନ ବେଶର ସେବକ ହିସାବରେ ନିୟୁଜିତ ହୋଇଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ଓ ଆଳତି ଅନୁଷ୍ଠିତ ହୋଇଥିଲା।ସମସ୍ତ କାର୍ଯ୍ୟକ୍ରମକୁ ବଡ଼ପଣ୍ଡା ଶ୍ରୀ ବିନୋଦ ବିହାରୀ ମହାପାତ୍ରଙ୍କ ସମେତ ଅଞ୍ଜନ କୁମାର ପଣ୍ଡା, ଗଗନ ମହାପାତ୍ର, ଗୌରୀ ଶଙ୍କର ପଣ୍ଡା,ପୌରବ ମହାପାତ୍ର,ଜତୀନ୍ଦ୍ର ମହାପାତ୍ର,ଗୋଲକ ବିହାରୀ ମହାପାତ୍ର, ରବୀନ୍ଦ୍ର ପଣ୍ଡା,ବୈକୁଣ୍ଠ ପଣ୍ଡା,ସୋମନାଥ ପଣ୍ଡା, ଝାଡଶ୍ୱର ପତି, ପ୍ରଦୀପ କୁମାର ପଣ୍ଡା, ବିଶ୍ୱଜିତ ପଣ୍ଡା, ପ୍ରମୁଖ ପୂଜାପଣ୍ଡା ମାନେ ନିୟୁଜିତ ଥିଲେ।ପରିଚାଳନା କମିଟିର ସଭାପତି ଶ୍ରୀ ଶରତ ଚନ୍ଦ୍ର ପ୍ରଧାନଙ୍କ ସହିତ ପାବନ କ୍ଷେତ୍ରର ନିତ୍ୟ ସେବକ ପଦ୍ମଲୋଚନ ଦେଙ୍କ ଅକ୍ଲାନ୍ତ ଉଦ୍ୟମରେ ସମ୍ପାଦକ ରବୀନ୍ଦ୍ର ଜେନା,ଅନ୍ୟାନ୍ୟ ସଦଦ୍ୟ ନିର୍ମଳ କୁମାର ଚନ୍ଦ,ନିର୍ମଳ କୁମାର ରାଜ୍,ପୂର୍ଣ୍ଣଚନ୍ଦ୍ର ହୋଇ,ଗୌରହରି ଯେନା,ମନୋରଞ୍ଜନ ଦାସ, ଅଜୟ କୁମାର ପ୍ରଧାନ, ଅଭିଳାଷ ଦାସ, ପ୍ରଦୀପ କୁମାର ପ୍ରଧାନ,ଅମରେନ୍ଦ୍ର ଦାସ ଅଧିକାରୀ,ଜନ୍ମଜୟ ଜେନା,ସଞ୍ଜୟ ଜେନା,ପୂର୍ଣ୍ଣଚନ୍ଦ୍ର ଜେନା,ନୀଳାମ୍ବର ଜେନା, ବିନୋଦ ଚାନ୍ଦ,ପରେସ ଜେନା,ଭାଗବତ ମାହାନ୍ତି, ବରେନ୍ଦ୍ର ପ୍ରଧାନ,ଅମରେନ୍ଦ୍ର ଦାସ ଅଧିକାରୀ,ଭାଗବତ ଦାସ, ଶୁଭେନ୍ଦୁ ପାତ୍ର ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ସେହିପରି ଜଳେଶ୍ୱର ଅଂଚଳର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ଜିଉ ମାନଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ବାଲେଶ୍ୱର ଜିଲ୍ଲାର ନିଖିଳ ଉତ୍କଳ ଶୁଣ୍ଢି ସମାଜ ରାଜ୍ୟସ୍ତରୀୟ ସାଧାରଣ ପରିଷଦ ସମ୍ମିଳନୀ ଓ ରକ୍ତଦାନ ଶିବିର



ବାଲେଶ୍ୱର, ୨୯/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନିଖିଳ ଉତ୍କଳ ଶୁଣ୍ଢି ସମାଜ ର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ସମ୍ମିଳନୀ ଓ ରକ୍ତଦାନ ଶିବିର ଉତ୍ତରାଞ୍ଚଳ ସଭାପତି ରାଜକିଶୋର ମଲ୍ଲିକ ଙ୍କ ସଭାପତିତ୍ୱରେ ନୂଆସାହି ସିଟିକ୍ଲିନିକ ଛକ ନିକଟସ୍ଥ ପ୍ରତିମା କଲ୍ୟାଣ ମଣ୍ଡପ ରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ବିକ୍ରମ କିଶୋର ସାହୁ ଯୋଗ ଦେଇ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିର ଓ ରାଜ୍ୟ ସ୍ତରୀୟ ସମ୍ମିଳନୀ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ସମ୍ମାନୀୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଉଦୟ ନାଥ ସାହୁ , ସମ୍ମାନୀୟ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷ ଶରତ କୁମାର ସାହୁ, ରାଜ୍ୟ ମୁଖ୍ୟ ଉପଦେଷ୍ଟା ଉଦଣ୍ଡ ଧର ଚୌଧୁରୀ , ରାଜ୍ୟ ମହିଳା ସଭାନେତ୍ରୀ ସୁନନ୍ଦା ଚୌଧୁରୀ , ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶରତ ମଣ୍ଡଳ , ରାଜ୍ୟ କାର୍ଯ୍ୟକାରୀ ସଭାପତି ପୃଥିରାଜ୍ ବେହେରା , ସମ୍ମାନୀୟ ଅତିଥି ଭାବେ ରାଜ୍ୟ ଦକ୍ଷିଣାଞ୍ଚଳ ସଭାପତି ନିର୍ମଳ ସାହୁ , ରାଜ୍ୟ କେନ୍ଦ୍ରାଞ୍ଚଳ ସଭାପତି ଅକ୍ଷୟ ସାହୁ , ପଶ୍ଚିମାଞ୍ଚଳ ସଭାପତି ଖଡିରତ୍ନ ବେହେରା ପ୍ରମୁଖ ସମ୍ମାନୀୟ ଅତିଥି ମଞ୍ଚରେ ଉପସ୍ଥିତ ଥିଲେ । ଏହି ସଭାକାର୍ଯ୍ୟକୁ ସମ୍ପାଦକ ପ୍ରଭାତ କୁମାର ସାହୁ ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ଓଡ଼ିଶାର କଟକ , ପୁରୀ , ଗଞ୍ଜାମ , ଭୁବନେଶ୍ୱର , ଅନୁଗୁଳ , ସମ୍ବଲପୁର , ଏହି ପରି ୩୦ ଟି ଜିଲ୍ଲାରୁ ଶୁଣ୍ଢି ସମାଜ ଯୋଗଦେବା ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶୁଣ୍ଢି ସମାଜ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିକ୍ରମ କିଶୋର ସାହୁ ତାଙ୍କ ବକ୍ତବ୍ୟରେ ଶୁଣ୍ଢି ସମାଜ ଓଡ଼ିଶାରେ ଆଗକୁ ବଢିବ ଏକତା ବଜାଏ ରଖିବେ ଓ ଗରିବ ଦୂର ହେବ ଏହି ସମ୍ମିଳନୀରେ ଏହା ମୁଖ୍ୟ ଲକ୍ଷ ଓ ସରକାରଙ୍କୁ ସଚେତନ କରାଇବା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ତାଙ୍କ ବକ୍ତବ୍ୟରେ କହିଥିଲେ ବାଲେଶ୍ୱର କଳା ସଂସ୍କୃତି ଓ ଫକୀର ମୋହନ ଙ୍କ ମାଟି ତେଣୁ ଏହି ସମ୍ମିଳନୀ ବାଲେଶ୍ୱର ଆୟୋଜନ ହେବା ଦ୍ୱାରା ଶୁଣ୍ଢି ସମାଜ ବାଲେଶ୍ୱର ଉନ୍ନତି ସଙ୍ଗେ ସଙ୍ଗେ ରାଜ୍ୟରେ ମଧ୍ୟ ଉନ୍ନତି ହେବ ବୋଲି କହିଥିଲେ। ଅନ୍ୟ ସମ୍ମାନୀୟ ଅତିଥି ମାନେ ଶୁଣ୍ଢି ସମାଜ ର ଏକତା ବଜାଏ ରଖିବା ଓ ପରସ୍ପରକୁ ଙ୍କୁ ସାହାଯ୍ୟ ସହାନୁଭୂତି ରଖିବା ଆବଶ୍ୟକ ବୋଲି କହିଥିଲେ। ଏଠାରେ ଆୟୋଜିତ ରକ୍ତ ଦାନ ଶିବିର ରେ ବହୁ ଲୋକ ରକ୍ତ ଦାନ କରିଥିଲେ । ଏବଂ ଯେଉଁ ମାନେ ରକ୍ତ ଦାନ କରିଥିଲେ ସେମାନଙ୍କୁ ମଞ୍ଚ ଉପରେ ଉତ୍ତରି ଫୁଲତୋଡା ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଥିଲା ଏହି ସମ୍ମିଳନୀ କୁ ଅନିରୁଦ୍ଧ ବେହେରା , ଶିଶିର କୁମାର ବେହେରା , ରାଜେନ୍ଦ୍ର ସାହୁ , ହରିଶ୍ଚନ୍ଦ୍ର ସାହୁ , ନିରଞ୍ଜନ ବେହେରା , ଜନରଞ୍ଜନ ମଣ୍ଡଳ , ପର୍ଶୁରାମ ବେହେରା , ରବି ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଫାଷ୍ଟଫୁଡ଼ରେ ବିଷାକ୍ତ ରଙ୍ଗକୁ ନେଇ ଗ୍ରାହକ ଚିନ୍ତିତ

ଜୟପୁର, ୨୯/୦୬ (ନି.ପ୍ର): କୋରାପୁଟ ଜିଲ୍ଲାର ୧୪ ବ୍ଲକ ଓ ପୌରାଂଚଳ ସହ ବିଭିନ୍ନ ଗାଁ ମାନଙ୍କରେ ସବୁଠି ଏବେ ସ୍ୱାଦ ବଦଳାଇଛି ଫାଷ୍ଟଫୁଡ। ଚାଟ୍, ଗୁପ୍‌ଚୁପ୍, ଚୌମିନ୍, ରୋଲ, ଚିକେନ ପକୋଡ଼ା ଏବଂ ବିରିୟାନୀ ଭଳି ଖାଦ୍ୟ ପ୍ରତି ଲୋକଙ୍କ ଆକର୍ଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ହେଲେ ଏହି ସ୍ୱାଦିଷ୍ଟ ଖାଦ୍ୟ ପଛରେ ଲୁଚି ରହିଛି ମାରାତ୍ମକ ବିଷ। ଅଧିକାଂଶ ଫାଷ୍ଟଫୁଡ୍ ହୋକାନରେ ଅତ୍ୟନ୍ତ ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ ଓ ପରସା ଯାଇଥିବାବେଳେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବହାର କରଯାଉଛି ମାରାତ୍ମକ କେମିକାଲ ଯୁକ୍ତ ବିଷାକ୍ତ ରଙ୍ଗ ଏବଂ ନିମ୍ନମାନର ସାମଗ୍ରୀ। ଅନ୍ୟପକ୍ଷରେ ରାସ୍ତାକଡ଼ରେ ଖୋଲାଯାଇଥିବା ଅଧିକାଂଶ ଷ୍ଟଲ୍‌ରେ ସ୍ୱାସ୍ଥ୍ୟ ରକ୍ଷା ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଉଛି। ନାଳ ନର୍ଦ୍ଦମା କଡ଼ରେ ଦେକାନ ଖୋଲାଯିବା ସହିତ ଖାଦ୍ୟ ସାମଗ୍ରୀକୁ ଗୋଡ଼ାଇ ନରଖିବାରୁ ସେଥିରେ ଧୂଳି ମାଳି ସହ ମାଛି ବସୁଛନ୍ତି। କୋରପୁଟ ଜିଲାର ଜୟପୁର, ସେମିଳିଗୁଡ଼ା, କୋରାପୁଟ, ବୋରିଗୁମ୍ମା, କୋଟପାଡ଼, ଲକ୍ଷ୍ମୀପୁର, ବୈପାରିଗୁଡ଼ା, ଲମତାପୁଟ, ସୁନାବେଢାରେ ଫାଷ୍ଟଫୁଡ ଦୋକାନ ଜୋର ସୋରରେ ଚାଲିଛି। ଏହାକୁ ନେଇ ସାଧାରଣ ଗ୍ରାହକ ଓ ଅଭିଭାବକ ମହଲରେ ଗଭୀର ଚିନ୍ତା ପ୍ରକଶ ପାଇଥିବାବେଳେ, ପ୍ରଶାସନ ଓ ଖାଦ୍ୟ ନିରାପତା ଅଧିକାରୀଙ୍କ ନିଷ୍କ୍ରିୟତା ଏବେ ସନ୍ଦେହର ବଳୟ ଭିତରକୁ ଆସିଛି। ଖବରରୁ ପ୍ରକାଶ ଯେ, ଖାଦ୍ୟକୁ ଅଧିକ ନାଲି ଓ ଚମକଦାର ଦେଖାଇବା ପାଇଁ ବିଭିନ୍ନ ଫାଷ୍ଟଫୁଡ ଦୋକାନ ବିଶେଷକରି ଚିକେନ୍ ଚିଲି, ଚାଉମିନ ଓ ମଞ୍ଚୁରିଆନରେ ନିଶିଦ୍ଧ ସିନ୍ଥେଟିକ ରଙ୍ଗ ମନଇଚ୍ଛା ବ୍ୟବହାର କରାଯାଉଛି। ଏହାସହିତ ସ୍ୱାଦ ବଢ଼ାଇବା ପାଇଁ ଅତ୍ୟଧିକ ପରିମାଣର ଅଜିନୋମୋଟୋ ଓ ବାସି ତେଲର ପୁନଃ ପୁନଃ ବ୍ୟବହାର ହେଉଛି। ଡାକ୍ତରଙ୍କ ମତରେ, ଏହି ବିଷାକ୍ତ ରଙ୍ଗ ଓ କେମିକାଲ୍ ଶରୀର ଭିତରକୁ ଯାଇ ପେଟ ରୋଗ, କିଡ୍‌ନ ସମସ୍ୟା, ଲିଭର ଖରାପ ହେବା ସହ କ୍ୟାନ୍ସର ଭଳି ମାରାତ୍ମକ ବ୍ୟାଧି ସୃଷ୍ଟି କରୁଛି। ସବୁଠାରୁ ବେଶୀ ପ୍ରଭାବିତ ହେଉଛନ୍ତି କୋମଳମତି ଶିଶୁ ଓ ଛାତ୍ରଛାତ୍ରୀ। ତତ୍ସହିତ ପ୍ଲେଟ୍ ଧୋଇବା ପାଇଁ ବ୍ୟବହାର କରାଯାଉଥିବା ପାଣି ଅତ୍ୟନ୍ତ ଅପରିଷ୍କାର ଥିବା ଦେଖିବାକୁ ମିଳୁଛି। ଦୋକାନୀମାନେ ହାତରେ ଗ୍ଲୋବ, କିମ୍ବା କ୍ୟାପ୍ ନପିନ୍ଧି ଅସ୍ୱାସ୍ଥ୍ୟକର ଭାବେ ଖାଦ୍ୟ ପରଷୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ରାହକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସରକାର ଖାଦ୍ୟ ନିରାପତା ବିଭାଗ ଗଠନ କରିଛନ୍ତି। ନିୟମିତ ଚଢ଼ଉକରି ଖାଦ୍ୟର ମାନ ଯାଂଚ କରିବା ଏବଂ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଅଧିକାରୀମାନଙ୍କ ଦୟିତ୍ୱ। ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ସହର ବଜାରରେ ଏଭଳି ବେଆଇନ କରିବାର ଚାଲିଥିଲେ ସୁଦ୍ଧା ଖାଦ୍ୟ ନିଶାପତା ଅଧୁକାରୀମାନେ ନୀରବରେ ରହିଛନ୍ତି ଓ କେବଳ ପର୍ବପର୍ବାଣୀ କିମ୍ବା କୌଣସି ବଡ଼ ଘଟଣା ଘଟିଲେ ଲୋକ ଦେଖାଣିଆ ଚଢ଼ାଉ କରି ବିଭାଗ ନିଜ କର୍ତବ୍ୟ ଶେଷ କରୁଛି। କୋରାପୁଟ ଜିଲ୍ଲା ଖାଦ୍ୟ ନିରାପତା ଅଧିକାରୀ ଏହି ଜୀବନଘାତୀ କାରବାର ଉପରେ ତୁରନ୍ତ ରୋକ ଲଗାଇବାକୁ ଗ୍ରାହକମାନେ ଦାବି କରିଛନ୍ତି। ସ୍ଥାନୀୟ ବୃଦ୍ଧିଜୀବୀଙ୍କ ମତରେ ଯଦି ତୁରନ୍ତ ଖାଦ୍ୟ ନିରାପତା ବିଭାଗ ସଚେତନ ନହୁଏ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ସାସ୍ଥ୍ୟ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଇଛି। ତେଣୁ ଜିଲା ପ୍ରଶାସନ ଗୁରୁତର ସହ ନେଇ ଚଢ଼ାଉ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବଲାଙ୍ଗିରରେ ସଫଳତାର ସହ ଅନୁଷ୍ଠିତ ହେଲା ପ୍ରଥମ ମାହେଶ୍ୱରୀ ୟୁଥ କଂକ୍ଲେଭ ୨୦୨୬

ବଲାଙ୍ଗିର, ୨୯/୦୬ (ନି.ପ୍ର): ବଲାଙ୍ଗିର ସ୍ଥିତ ବେବି ବଲକ୍ସ ପ୍ଲେ ସ୍କୁଲ ପରିସରରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ପ୍ରଥମ ମାହେଶ୍ୱରୀ ୟୁଥ କନକ୍ଲେଭରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଂଚଳରୁ ଯୁବପିଢି ଉତ୍ସାହର ସହ ଯୋଗଦେଇ ଜ୍ଞାନ, ନେତୃତ୍ୱ ଏବଂ ସାମାଜିକ ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରେରଣାଦାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାହେଶ୍ୱରୀ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କନକ୍ଲେଭର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଯୁବପିଢି କେବଳ ନିଜ କ୍ୟାରିୟର ଗଠନରେ ସୀମିତ ନ ରହି ସମାଜ ଗଠନ, ପରିବେଶ ସୁରକ୍ଷା ଓ ଜନସେବା କ୍ଷେତ୍ରରେ ମଧ୍ୟ ସକ୍ରିୟ ଭୂମିକା ନେବା ଆବଶ୍ୟକ । ପରେ ଅରିନ୍ଦମ ପରିଚ୍ଛା, ବନ୍ୟପ୍ରାଣୀ ସଂରକ୍ଷଣବିତ, ପରିବେଶ ସଂରକ୍ଷଣରେ ଯୁବପିଢିର ଭୂମିକା ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଗଣମାଧ୍ୟମର ସକରାତ୍ମକ ବ୍ୟବହାର, ସୂଚନାର ସତ୍ୟତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଯୁବମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଶିଷ୍ଟ ଆରଟିଆଇ କର୍ମୀ ହେମନ୍ତ ପଣ୍ଡା ନେତୃତ୍ୱ, ସ୍ୱଚ୍ଛତା, ସଚେତନ ନାଗରିକତା ଓ ସାମାଜିକ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଯୁବମାନଙ୍କ ସହ ବକ୍ତାମାନଙ୍କର ପ୍ରଶ୍ନୋତର ଅନୁଷ୍ଠିତ ହୋଇଥିଲା ।

# ପାରିବାରିକ ବିବାଦର କରୁଣ ପରିଣତି: ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ଝାରସୁଗୁଡ଼ା, ୨୯/୦୬ (ନି.ପ୍ର): ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଏଚ୍. କଣ୍ଟାପାଲି (ଗଣ୍ଡିଆବୁଡ଼) ଗାଁରେ ପାରିବାରିକ ବିବାଦକୁ କେନ୍ଦ୍ର କରି ଘଟିଛି ଏକ ଚାଂଚଲ୍ୟକର ହତ୍ୟାକାଣ୍ଡ। ସ୍ୱାମୀ ନିଜ ସ୍ତ୍ରୀଙ୍କୁ ପିଟି ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ରାହୁଲ ବାଗଙ୍କୁ ଗିରଫ କରିଛି। ମୃତକ ହେଲେ ୨୮ ବର୍ଷୀୟା ସୌଦାମିନୀ କିଷାନ। ସୂଚନା ଅନୁଯାୟୀ, ରାହୁଲ ଓ ସୌଦାମିନୀ ପ୍ରାୟ ତିନି ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ । ବିବାହ ପରଠାରୁ ବିଭିନ୍ନ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ପାରିବାରିକ କଳହ ଲାଗି ରହୁଥିବା ଜଣାପଡ଼ିଛି। ରବିବାର ସକାଳେ ପୁଣି ଥରେ କୌଣସି କଥାକୁ ନେଇ ବିବାଦ ଉପୁଜିଥିଲା। ଏହି ବିବାଦ ଉଗ୍ର ରୂପ ନେବା ପରେ ରାହୁଲ ସ୍ତ୍ରୀ ସୌଦାମିନୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ହେବାରୁ ଘଟଣାସ୍ଥଳରେ ସୌଦାମିନୀଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଂଚଳରେ ଚାଂଚଲ୍ୟ ଖେଳିଯାଇଥିଲା। ଖବର ପାଇ ଝାରସୁଗୁଡ଼ା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ରାହୁଲ ବାଗଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି ଯେ, ରାହୁଲ ଓ ସୌଦାମିନୀ ଭିନ୍ନ ଜାତିରେ ପ୍ରେମ ବିବାହ କରିଥିଲେ। ତେବେ ହତ୍ୟାର ପ୍ରକୃତ କାରଣ ଏବଂ ଘଟଣାର ସମ୍ପୂର୍ଣ୍ଣ ପରିସ୍ଥିତି ସମ୍ପର୍କରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ୨୦ ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ଖୋର୍ଦ୍ଧା , ୨୯/୬ (ନି.ପ୍ର): ଜିଲ୍ଲା ଯୋଜନା ଏବଂ ପର୍ଯ୍ୟ ବେଶଣ ୟୁନିଟ, ଖୋର୍ଦ୍ଧା (ପରିସଂଖ୍ୟାନ ଶାଖା) ଆନୁକୁଲ୍ୟରେ ୨୦ ତମ ଜାତୀୟ ପରିସଂଖ୍ୟାନ ଦିବସ -୨୦୨୬ ପାଳିତ ହୋଇଯାଇଅଛି । ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେଶଣ , ୟୁନିଟ୍, ଖୋର୍ଦ୍ଧା (ପରିସଂଖ୍ୟାନ ଶାଖା) ଶ୍ରୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଏବଂ ପରିସଂଖ୍ୟାନର ଜନକ ପି. ସି. ମହାଲାନୋବିସ ଙ୍କ ଫଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପ ମାଲ୍ୟାର୍ପଣ କରି ଦିବସକୁ ଉଦ୍ଘାଟନ କରି କହିଲେ ସ୍ୱର୍ଗତ ପି. ସି.ମହାଲାନୋବିଶ ପରିସଂଖ୍ୟାନ ଆବିଷ୍କାର କରି ସମାଜକୁ ଏକ ଅନବଦ୍ୟ ଦାନ ପ୍ରଦାନ କରିଛନ୍ତି । ପରିସଂଖ୍ୟାନ ଆଜି ନଥିଲେ ଆମେ ବଜେଟ୍ ଉପସ୍ଥାପନ ଓ ବଜେଟ ର ପରିକଳ୍ପନା କରିବା ସମ୍ଭବ ହୋଇ ନଥାନ୍ତା । ପ୍ରତି ଦଶ ବର୍ଷରେ ଜନଗଣନା ହୋଇଥାଏ । ଯଦି ପରିସଂଖ୍ୟାନ ନଥାନ୍ତା ତେବେ ଜନଗଣନା ସର୍ଭେ ହୋଇ ପାରିନଥାନ୍ତା । ପି ସି ମହାଲାନୋବିଶ ଙ୍କ ପରିସଂଖ୍ୟାନ ମଡ୍ଡେଲ ପାଇଁ ରାଉରକେଲା ଇସ୍ପାତ କାରଖାନା ସମ୍ଭବ ହୋଇଥିଲା । ଏଣୁ ଛାତ୍ର ଛାତ୍ରୀ ଯୁବକ ଯୁବତୀ ମାନେ ପି ସି ମହାଲାନୋବିଶଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଭିଜନ କୁ ସାକାର କରିବାକୁ ସଠିକ୍ ତଥ୍ୟ ସଂଚାରଣରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଦିବସରେ ପରିସଂଖ୍ୟାନ ବିଶେଷଜ୍ଞ, ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଆଞ୍ଚଳିକ ଯୋଜନା ଏବଂ ଅର୍ଥନୀତି ଏବଂ ପରିସଂଖ୍ୟାନ ପ୍ରତିଷ୍ଠାନ, ଭୁବନେଶ୍ୱର ଶ୍ରୀ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ କହିଲେ ପି ସି . ମହାଲାନୋବିଶଙ୍କ ଭଳି ଯୋଗଜନ୍ମାପାଇଁ ଆମେ ଅର୍ଥନୀତିରେ,ସାମାଜିକ ଯୋଜନା ପ୍ରଣୟନରେ ଆମେ ସଫଳତା ହାସଲ କରି ଆମର ଅର୍ଥ ନୀତିକୁ ଆମେ ଆଗେଇ ନେଇ ଆସିଅଛୁ । ଶ୍ରୀ ମିଶ୍ର ଜି ଡି ପି ବାର୍ଷିକ ଖସଡ଼ା, ଦାରିଦ୍ର୍ୟ ଦୂରୀକରଣ ଯୋଜନା, ଜନସାଧାରଣଙ୍କ ସେବା ନିମନ୍ତେ ପାଣ୍ଠି ଖର୍ଚ୍ଚ, ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉନ୍ମୋଚନ କରିବା, କୃଷି ଓ କୃଷକ ଶସକ୍ତି କରଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜାତୀୟ ନମୁନା ସର୍ବେକ୍ଷଣ, ସର୍ବନିମ୍ନ ନିର୍ଦ୍ଧାରିତ ମୂଲ୍ୟ, କୃଷି ସର୍ବେକ୍ଷଣ, କ୍ଷୁଦ୍ର ଜଳସେଚନ ସର୍ବେକ୍ଷଣ, ଉପଭୋକ୍ତା ମୂଲ୍ୟ ସୁଚକାଙ୍କ, ବାର୍ଷିକ ଶିଳ୍ପ ସର୍ବେକ୍ଷଣ ଆଦି ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ସଠିକ୍ ପରି ସଂଖ୍ୟାନର ଅନିର୍ବାର୍ଯ୍ୟତା ସମ୍ବନ୍ଧରେ ପାୱାର ପଏଣ୍ଟ ଉପ କରଣରେ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ମହାବିଦ୍ୟାଳୟରେ ଯୁବଶକ୍ତି ସମ୍ବଳ ପରିସଂଖ୍ୟାନ, ମହାବିଦ୍ୟାଳୟ କାର୍ଯ୍ୟାଳୟ ପରିଚାଳନାରେ ପରିସଂଖ୍ୟାନ,ମହାବିଦ୍ୟାଳୟରେ ସମାଧାନ ଯୋଗାଣ ଦଳ, ଶିକ୍ଷାବିତ୍ ଙ୍କ ଓ ଶିକ୍ଷକ ମାନଙ୍କ ପରି ସଂଖ୍ୟାନରେ ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ, ପରିସଂଖ୍ୟାନ ସୁବାଷ ଚନ୍ଦ୍ର ପୃଷ୍ଟି ଯୋଗଦେଇ ପରି ସଂଖ୍ୟାନରେ କାର୍ଯ୍ୟାଳୟର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ । ସେହିପରି ପରିସଂଖ୍ୟାନ ଅଧିକାରୀ ଶ୍ରୀମତୀ କିରଣ ପ୍ରଭା ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାରେ ଗାଁରୁ ଜିଲ୍ଲା ପର୍ଯ୍ୟନ୍ତ ବିଭିନ୍ନ ଦ୍ରବ୍ୟ ଓ ସେବା ସମ୍ବନ୍ଧୀୟ ଗ୍ରାହକ ମୂଲ୍ୟ ସୂଚକାଙ୍କ, ଜାତୀୟ ନମୁନା ସର୍ବେକ୍ଷଣ ପ୍ରଶାସନିକ ତଥ୍ୟ ଏବଂ କ୍ଷେତ୍ର ଅନୁସନ୍ଧାନ ଉପରେ ବିସ୍ତୃତ ପରିସଂଖ୍ୟାନ ତଥ୍ୟ ପ୍ରଦାନ କରିଥିଲେ । ସଭାପତି ଭାଷଣରେ ଉପ ନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ , ଖୋର୍ଦ୍ଧା, ଜାତୀୟ ପରିସଂଖ୍ୟାନ ଦିବସ -୨୦୨୬ ପାଳନ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ପ୍ରକାଶ କରି ପରି ସଂଖ୍ୟାନର ଜନକ ପି ସି ମହାଲାନୋବିସ ଙ୍କ ସମାଜ କଲ୍ୟାଣ ପାଇଁ ତାଙ୍କର ଯେଉଁ ଅବିସ୍ମରଣୀୟ ଦାନ ସେ ସମ୍ବନ୍ଧରେ ଗୁରୁତ୍ୱାରୋପ କରି ଛାତ୍ର ଛାତ୍ରୀ ମାନେ ସଠିକ୍ ତଥ୍ୟ ବ୍ୟବହାର କରି ନିଜର ଓ ଦେଶର କଲ୍ୟାଣ ସାଧିତରେ ବ୍ରତୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଶେଷରେ ଅର୍ଥ ନୀତି ବିଶାରଦ ମୋନାଲି ରାଜ ସିଂହ ଧନ୍ୟ ବାଦ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଏବଂ ସମସ୍ତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ଚାରାକୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଆଞ୍ଚଳିକ ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ମୁଖ୍ୟ ଅତିଥି ପରିସଂଖ୍ୟାନ କାର୍ଯ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବାଣପୁର ବ୍ଲକ ପରିସଂଖ୍ୟାନ ଅଧିକାରୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ବାଲିଅନ୍ତା ବ୍ଲକ୍ ପରିସଂଖ୍ୟାନ ଅଧିକାରୀ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜଟଣୀ ବ୍ଲକ୍ ପରିସଂଖ୍ୟାନ ଅଧିକାରୀଙ୍କୁ ଫଳକ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚ ପରିଚାଳନା ରେ କାର୍ଯ୍ୟାଳୟ ସଂସ୍ଥା ଅଧିକାରୀ ସସ୍ମିତା ମିଶ୍ର ଓ କର୍ମଚାରୀ ସୌମ୍ୟ ରଞ୍ଜନ ରାଉତ ରାୟ କାର୍ଯ୍ୟ ସମ୍ପାଦନ କରିଥିଲେ । ଦିବସରେ ଜିଲ୍ଲା ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଉପ ନିବନ୍ଧକ ସମବାୟ ସମିତି , ଆଳକାନନ୍ଦା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ପ୍ରାଣ ନାଥ ସ୍ୱୟଂ ଶାସିତ ବିଦ୍ୟାଳୟ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଖୋର୍ଦ୍ଧା ଛାତ୍ରଛାତ୍ରୀ, ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ, ବ୍ଲକ୍ ପରିସଂଖ୍ୟାନ ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ବୈଶିଙ୍ଗା -ରୁପ୍ସା ରାସ୍ତା ମରଣଯନ୍ତା ପାଲଟିଛି: ଯାନବାହାନ ଚଳାଚଳରେ ବାଧା ଉପୁଜୁଛି



ବୈଶିଙ୍ଗା , ୨୯/୬ (ନି.ପ୍ର): ଓଡିଶାରେ ଶାସନ ଗାଦିକୁ ୨୫ ବର୍ଷ ଧରି ସମ୍ଭାଳିଥିବା ପୂର୍ବ ବିଜେଡି ସରକାର କେତେ ସ୍ୱଚ୍ଛ ତାହାର ପ୍ରମାଣ ହେଲା ରାସ୍ତା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପୂର୍ବରୁ ପ୍ରଥମେ ଗମନାଗମନ ବ୍ୟବସ୍ଥାକୁ ବିଚାରକୁ ନିଆଗଲେ ରାସ୍ତାକାମ ନାମରେ କେବଳ ଅର୍ଥ ହରିଲୁଟ୍ ହୋଇଥିବାର ଜଣାଯାଏ ।ଯେଉଁ ରାସ୍ତା ତିଆରି ହେବାକୁ ତିନି ମାସ ସମୟ ଲାଗେ ସେ ସେହି ରାସ୍ତା ତିନି ମାସରେ ମଧ ନଷ୍ଟ ହୋଇଯାଇଥାଏ। ଏହାର ପ୍ରମାଣ ସ୍ୱରୂପ ବୈଶିଙ୍ଗା -ରୁପ୍ସା ରାସ୍ତାର ଅବସ୍ଥାକୁ ଦେଖିଲେ ଯାଇ ବୁଝାପଡିବ । ବୈଶିଙ୍ଗା ଠାରୁ ଅସ୍ତପୁରା ପର୍ଯ୍ୟନ୍ତ ୫ କି.ମି.ରାସ୍ତା ସମ୍ପୂର୍ଣ ହୋଇଥିଲା ବେଳେ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇ ଥିବାର ଦେଖାଯାଇଛି । ଏହି ରାସ୍ତାଟି ୧୮ନଂ ଜାତୀୟ ରାଜପଥ ବୈଶିଙ୍ଗା ଠାରୁ ୬୦ ନଂ ଜାତୀୟ ରାଜପଥ ରୁପ୍ସା ସହିତ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହ ଶହ ଭାରିଯାନ ଚଳାଚଳ କରିଥାଏ। ପ୍ରତିବର୍ଷ ଏହି ରାସ୍ତାର କିଛି ଅଂଶ ନୂଆ ପିଚୁ ହେବା ସହିତ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାର ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାଯାଇଛି। ସେହିଭଳି ଦୁଇବର୍ଷ ତଳେ ବୈଶିଙ୍ଗା ଠାରୁ ଅସ୍ତପୁରା ପର୍ଯ୍ୟନ୍ତ ଯେଉଁ ରାସ୍ତା ପ୍ରସସ୍ତିକରଣ କରାଯାଇଥିଲା ତା ପାଇଁ ପ୍ରାୟ ଦୁଇ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂତ୍ରରୁ ଜଣାଯାଏ। ମାତ୍ର ସେହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଦୈନିକ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ସହିତ ଅକର୍ମଣ୍ୟ ହେବା ଏବଂ ମୃତ୍ୟୁବରଣ କରିଥିବାର ମଧ ନଜିର ରହିଛି। ନୂଆ ବିଜେପି ସରକାର ଙ୍କୁ ବହୁ ଅଭିଯୋଗ ପରେ ଅଳ୍ପ ଅଳ୍ପ ସ୍ଥାନରେ ପେଚିଂ କରାଯାଇଛି ସତ ମାତ୍ର ତାହା ମଧ ଉଠିଗଲାଣି । ଏଣୁ ଏହି ରାସ୍ତା ତୁରନ୍ତ ନିର୍ମାଣ ପାଇଁ ଦାବୀ ହେଉଛି। ବିଭାଗୀୟ ଅଧିକାରୀ ନିଜେ ରାସ୍ତାର ଅବସ୍ଥା ଦେଖି ମରାମତିର ଆବଶ୍ୟକତା ଅଛି କି ନାହିଁ ଜାଣିପାରିବେ ।ଯେଉଁ ଠିକାଦାର କାର୍ଯ୍ୟ କରିଛନ୍ତି ତାଙ୍କର ମରାମତି ପାଇଁ ବ୍ୟବସ୍ଥା ଥିଲେ ମଧ କାହିଁକି ହୋଇପାରୁନାହିଁ ବୋଲି ଚର୍ଚ୍ଚା ହେଉଛି ।

## ସ୍ନାନ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୯/୬ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ସ୍ନାନ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଆରୋଗ୍ୟ ଭାରତୀ ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ, ସ୍ନାନ ଜୀବ ଜଗତ ସୁସ୍ଥ ରହିବା ପାଇଁ ଅତ୍ୟନ୍ତ ଆବଶ୍ୟକ। ତୈଳ ଅଭ୍ୟଙ୍ଗ ପରେ ପ୍ରାତଃ ପାଣି ଅଜାଡି ସ୍ନାନ କଲେ ଶରୀର, ମନ ଶୁଦ୍ଧ ରହି ବଳ, ରୂପ, ସ୍ୱର୍ଶ ଜ୍ଞାନ, ସୁଗନ୍ଧ, କୋମଳତା, କ୍ଷୁଧା ବଢେ। ଦୁଃସ୍ୱପ୍ନ, ଦୁର୍ଗନ୍ଧ, ଆଳସ୍ୟ ସ୍ନାନ ଦ୍ୱାରା ନଷ୍ଟ ହୁଏ। ମନ୍ତ୍ର, ଅଗ୍ନି, ଭୌମ, ବାୟୁ, ଦିବ୍ୟ, ମାନସ ଏମିତି ଅନେକ ସ୍ନାନ ରହିଛି। ନଦୀ, କୂପ, ପୋଖରୀ, ଝରଣା ଜଳରେ ଘସା-ଘାସି ହୋଇ ସ୍ନାନ କରିବେ। ଅର୍ଦ୍ଧରାତ୍ର, ଭୋଜନ ପରେ, କେତେକ ରୋଗାଗ୍ରସ୍ତ ସମୟରେ, ଅଧିକ ବା ଅଳ୍ପ ବସ୍ତ୍ର ପରିଧାନ କରି ସ୍ନାନ କରିବେ ନାହିଁ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ସୋର, ୨୯/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୋର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସୋର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୪୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୭ ଗୋଟି ବ୍ୟକ୍ତିଗତ ଓ ୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ଦେବଜ୍ୟୋତୀ ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ବିଡିଓ, ସୋର ଶ୍ରୀଯୁକ୍ତ ସୁବ୍ରତ କୁମାର ବେହେରା, ଭାରପ୍ରାପ୍ତ ତହସିଲଦାର, ଶ୍ରୀଯୁକ୍ତ କୃଷ୍ଣ ମୋହନ ସିଂହ, ନିର୍ବାହୀ ଅଧିକାରୀ, ସୋର ମ୍ୟୁନିସିପାଲଟି ଶ୍ରୀଯୁକ୍ତ ବିଶ୍ୱରଂଜନ ପ୍ରଧାନଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ବ୍ରଡ ଗେଜ ରେଳ ଚଳାଚଳର ୨୦ ବର୍ଷ ବିତିଲା: ବାରମ୍ବାର ଦାବି ସତ୍ତ୍ୱେ ଗଡ଼ିଲାନି ଦୂରଗାମୀ ରେଳ



ବୈଶିଙ୍ଗା , ୨୯/୬ (ନି.ପ୍ର): ବାଙ୍ଗାରିପୋଷି ରୁ ରୁପ୍ସା ଓ ଭୁବନେଶ୍ୱର ଓ ପୁରୀ ପର୍ଯ୍ୟନ୍ତ ଗୋଟିଏ ମେମୁ, ଗୋଟିଏ ସୁପରଫାଷ୍ଟ ଓ ଗୋଟିଏ ୩ ଦିନିଆ ସାଲିମାର -ବାରିପଦା ଓ ସେହି ରେଳ କୁ ଦୁଇ ଦିନ ବାରିପଦା ରୁ ପୁରୀ ପର୍ଯ୍ୟନ୍ତ ଚଳାଇ ରେଳ ବିଭାଗ ଚୁପ ମାରିଛି । ସୁପରଫାଷ୍ଟ ରେଳଟି ପୂର୍ବରୁ ଭୁବନେଶ୍ୱର ଯାଉଥିବା ବେଳେ ଏବେ ପରିବର୍ଦ୍ଧିତ ହୋଇ ପୁରୀ ପର୍ଯ୍ୟନ୍ତ ଚଳା ଚଳ କରୁଛି । ସୁପରଫାଷ୍ଟ ଯିବା ପରେ ଅନ୍ୟ ଏକ ରେଳ ଭୁବନେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବା ନିମନ୍ତେ ବହୁବାର ଦାବି ହେବା ସତ୍ୱେ ଅଦ୍ୟାବଧି ଚଳାଚଳ ନ କରିବା ଫଳରେ ଯାତ୍ରୀ ମାନେ ନାହିଁନଥିବା ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ଡବଲ ଇଂଜିନ ସରକାର ଶାସନ କରୁଥିବା ବେଳେ ଯାତ୍ରୀମାନେ ଅଧିକ ରେଳ ଚାଲିବ ବୋଲି ଆଶା ବାନ୍ଧିଥିଲେ, ମାତ୍ର ନଚାଲିବା ଫଳରେ ବହୁ ଅସୁବିଧାରେ ପଡି ଅଧିକ ଅର୍ଥ ଖର୍ଚ୍ଚ କରି ବସରେ ଯିବାକୁ ବାଧ ହେଉଛନ୍ତି । ସୁପରଫାଷ୍ଟ ରେଳରେ ଭିଡ଼ ଅଧିକ ହେଉଥିଲେ ମଧ ସଂରକ୍ଷଣ ଟିକେଟ କାଟି ଯାତ୍ରୀମାନେ ସୁବିଧାରେ ତାଙ୍କ ସିଟରେ ମଧ ବସିପାରୁନାହାନ୍ତି, କାରଣ ଶହ ଶହ ଶ୍ରମିକ ବିନା ଟିକଟରେ ଯିବା ଓ ଟିକଟ ଥିବା ଯାତ୍ରୀଙ୍କୁ ସିଟ ନଛାଡିବା ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି । ଭୁବନେଶ୍ୱର କୁ ଅଧିକ ରେଳ ନଚାଲିଲେ ମଧ ଦୂରଗାମୀ ରେଳ ଚଳାଇବାରେ ରେଳ ବିଭାଗ ବିମୁଖ ରହିଛି । ଫଳରେ ସାଧାରଣ ଯାତ୍ରୀ, ବ୍ୟବସାୟୀ ଓ ଛାତ୍ର ଛାତ୍ରୀ ନାହିଁ ନଥିବା ଅବସ୍ଥା ଭୋଗ କରୁଛନ୍ତି । ଅଞ୍ଚଳବାସୀଙ୍କ ବହୁଦାବିପରେ ସଂରକ୍ଷିତ ଟିକଟ ବେନେବୀ ସେ ଖୋଲିଥିଲେ ମଧ ଦୂରଦୁରାନ୍ତକୁ ଯାଉଥିବା ଯାତ୍ରୀ ମାନେ କାଉଣ୍ଟରରୁ ଟିକଟ ନପାଇ କଳାବଜାରରେ ବହୁ ଅଧିକ ଟଙ୍କା ଦେଇ କିଣିବାକୁ ବାଧ ହେଉଛନ୍ତି । ୨୦ ବର୍ଷ ଏହି ରୁଟରେ ରେଳ ଚଳାଚଳ କରି ଆସୁଥିଲେ ମଧ ରେଳ ପୁଲିସ ବ୍ୟବସ୍ଥା ଅଦ୍ୟାବଧି ହୋଇନଥିବାରୁ କଳାବଜାରରେ ଟିକଟ ବିକ୍ରି ଚାଲିଥିଲେ ମଧ ସେମାନଙ୍କ ଉପରେ ବିଭାଗ ପକ୍ଷରୁ ଅଙ୍କୁଶ ନଥିବାରୁ ଅନାୟାସରେ ଏହି କାରବାର ଚାଲିଛି । ବିଶେଷଭାବେ ଅଧିକ ଅର୍ଥ ଦେଇ ଦୂରଗାମୀ ଟିକଟ କିଣୁଥିବା ଯାତ୍ରୀ କାହା ନିକଟରେ ଅଭିଯୋଗ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏତଦ ବ୍ୟତିତ ମୟୁରଭଞ୍ଜ ଜିଲାରୁ ସିଧାସଳଖ ଦିଲ୍ଲୀ,ସାଇନଗର, କୋରାପୁଟ, ବାଙ୍ଗାଲୋର, ଗୌହାଟି ଇତ୍ୟାଦି ସ୍ଥାନ ମାନଙ୍କୁ ରେଳ ଚଳାଇବା ପାଇଁ ରେଳ ମନ୍ତ୍ରୀ ଦୃଷ୍ଟି ଦେବାକୁ ସମାଜସେବୀ ଉମାଶଙ୍କର ଘୋଷ, ପୁରୁଷୋତ୍ତମ ପଣ୍ଡା, ମୃତ୍ୟୁଞ୍ଜୟ ମିଶ୍ର,ବିରାମ ମାଝୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାମ ମନ୍ଦିର ଦାନ...

କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ମାମଲାର ବିଚାର ଜୁଲାଇ ୧୨ ରୁ ୧୭ ତାରିଖ ମଧ୍ୟରେ କରାଯିବ। ଆବେଦନକାରୀମାନେ ଯୁକ୍ତି ଦେଇଥିଲେ, ଅଭିଯୋଗଗୁଡ଼ିକ ଗମ୍ଭୀର ଏବଂ ପ୍ରମାଣ ନଷ୍ଟ ହେବାର ସମ୍ଭାବନା ଥିବାରୁ ତୁରନ୍ତ ନ୍ୟାୟିକ ହସ୍ତକ୍ଷେପ ଆବଶ୍ୟକ। ତେବେ ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ତତ୍କାଳ ଶୁଣାଣି ପାଇଁ ଯଥେଷ୍ଟ ବୋଲି ବିବେଚନା କରି ନାହାନ୍ତି । ସୂଚନାଯୋଗ୍ୟ, ରାମ ମନ୍ଦିର ଦାନ ଚୋରି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ଆଠ ଜଣଙ୍କୁ ଗିରଫ କରିଛି। ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ବୟାନ ପୁଲିସ ରେକର୍ଡ କରିଛି। ଆବଶ୍ୟକ ହେଲେ ସେମାନେ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ସମେତ ଟ୍ରଷ୍ଟର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ବୟାନ ମଧ ରେକର୍ଡ କରିବେ। ଚମ୍ପତ ରାୟ ଟ୍ରଷ୍ଟରୁ ମଧ ଇସ୍ତଫା ଦେଇଛନ୍ତି । ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ଗିରଫ ଅଭିଯୁକ୍ତଙ୍କ ମାମଲା ଲଢ଼ିଲେ ୫ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡ଼ିବ ବୋଲି ଫୌଜାବାଦ ବାର ଆସୋସିଏସନ୍ ପକ୍ଷରୁ ଏହାର ଓକିଲମାନଙ୍କୁ କଡ଼ା ଚେତାବନୀ ଜାରି କରାଯାଇଛି। ଉତ୍ତର ପ୍ରଦେଶର ଫୈଜାବାଦ ବାର ଆସୋସିଏସନ ଅଯୋଧ୍ୟାର ରାମ

### ସ୍ନାନବେଦୀରୁ ଭକ୍ତଙ୍କୁ ହାତୀବେଶରେ....

ଆଉ ଏସବୁ ସେବା ଓ ରୀତିନୀତିରେ ଯେମିତି ଛୋଟିଆ ତ୍ରୁଟି ନହେବ, ସେଥିପାଇଁ ଗହଳି ଭିତରେ ସଜାଗ ରହି ପୂରା ବ୍ୟବସ୍ଥାକୁ ଟିକିନିଖି ନିରୀକ୍ଷଣ କରୁଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଏପଟେ ପୁରୀରେ ଆଜି ଲକ୍ଷ ଲକ୍ଷ ଭକ୍ତଙ୍କ ଏ ସମାଗମକୁ ପୂର୍ବରୁ ପ୍ରସ୍ତୁତ ଥିଲା ପୋଲିସ ଓ ପ୍ରଶାସନ। ଖାଲି କାଁ ଭାଁ ସ୍ଥାନରେ ଭିଡ଼ ବ୍ୟତୀତ ପୁରା ଟ୍ରାଫିକ୍ ସେବାଠୁ ଆଇନ୍ ଶୃଙ୍ଖଳା ଯାଏଁ, ଛକ ଛକରେ ହୋଇଥିଲା ଶୃଙ୍ଖଳିତ ବ୍ୟବସ୍ଥା। ମାର୍କେଟ୍ ଛକରୁ ସିଂହଦ୍ୱାର ଯାଏଁ ବ୍ୟାରିକେଡ୍ ଦେଇ ଧାଡ଼ିରେ ଯାଇଥିଲେ ଶ୍ରଦ୍ଧାଳୁ। ଭକ୍ତଙ୍କୁ ସ୍ନାନ ମଣ୍ଡପ ପର୍ଯ୍ୟନ୍ତ ଯାଇ ଦର୍ଶନ ସୁବିଧା ଥିବାରୁ ଲୋକେ ମହାଆନନ୍ଦରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ବି ପୁରୀ ଯାଇ ମହାପ୍ରଭୁଙ୍କ ସ୍ନାନ ଯାତ୍ରାର ଦର୍ଶନ କରିଥିଲେ। ସ୍ନାନବେଦିରେ ଅତ୍ୟଧିକ ସ୍ନାନ ହେତୁ କାଲିଠୁ ଜ୍ୱରରେ ପଡ଼ିବେ ଜଗତ ଠାକୁର। ଆସନ୍ତାକାଲିଠୁ ୧୫ ଦିନ ଯାଏଁ ଅଣସର ଘରେ ରହିବେ ଚତୁର୍ଦ୍ଧାମୂର୍ତ୍ତି। ଏହି ସମୟରେ ଶ୍ରୀମନ୍ଦିରରେ ପୂଜା ପାଇବେ ପଟି ଦିଅଁ । ଆଉ ରତ୍ନସିଂହାସନରେ କାଳିଆ ସାଆଁନ୍ତଙ୍କ ଶ୍ରୀମୁଖ ଦର୍ଶନର ସୁଯୋଗ ନପାଇ ଭକ୍ତ ଧାଇଁବେ ବ୍ରହ୍ମଗିରିର ଶ୍ରୀ ଅଲାରନାଥ ପୀଠ।

### ବିଜେଡିରେ ମିଶିବା ପରେ...

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ସୁଜାତା ରାଉତ ନିର୍ବାଚନ ଲଢ଼ିବା ଉଚିତ। ତାଙ୍କର ଲୋକଙ୍କ ଭିତରେ ଗ୍ରହଣୀୟତା ରହିଛି । ଖୁବଶୀଘ୍ର ତାଙ୍କୁ ଦଳ ଭିତରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ । ସୁଜାତାଙ୍କ ଦରବାରରୁ ଫେରିବା ପରେ ଖୁସିରେ ଗଦ ଗଦ ହେଉଛନ୍ତି ନେତା । ପ୍ରଶଂସାରେ ଶତମୁଖ ହେଇ ଯାଉଛନ୍ତି । ସୁଜାତାଙ୍କୁ ଦଳର ସମ୍ପତ୍ତି କହିବା ସହ ଦୁର୍ବଳ ସଙ୍ଗଠନକୁ ମଜଭୁତ କରିବାରେ ସୁଜାତା ସାହାରା ସାଜିବେ ବୋଲି ସ୍ୱପ୍ନ ଦେଖିଲେଣି । ସୁଜାତାଙ୍କୁ ଭେଟିବା ପରେ କଟକ ମେୟର ସୁବାସ ସିଂଙ୍କ କହିଛନ୍ତି ସୁଜାତାଙ୍କ ଏଣ୍ଟ୍ରି ପରେ ବିଜେଡି ଭିତରେ ଆତ୍ମବିଶ୍ୱାସ ବଢ଼ିଛି। ଅନ୍ୟପଟେ ସୁଜାତାଙ୍କ ରାଜନୀତି ଷ୍ଟାଇଲକୁ ଦେଖି ବିଜେଡିକୁ ଘେରିଛି। ସାଧାରଣ କର୍ମୀ ଭାବେ ଦଳରେ କାମ କରିବା ପାଇଁ ନବୀନ ଖୋଲା ଖୋଲି ଘୋଷଣା କରିଥିବା ବେଳେ ସୁଜାତା ସ୍ୱାମୀ ପାଣ୍ଡିଆନଙ୍କ ଭଳି ଦରବାର ଖୋଲିବାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବରିଷ୍ଠ । ଯାହାକୁ ନେଇ ବିଜେଡିରେ ଭିତରେ ଭିତରେ ଅସନ୍ତୋଷ ବଢୁଥିବା ବେଳେ ଆଗାମୀ ଦିନରେ ପାଣ୍ଡିଆନ ବିରୋଧୀ କି ପଦକ୍ଷେପ ନେବେ ତା ଉପରେ ନଜର।

### ୩ ଦଶନ୍ଧି ପରେ ...

ଆତଙ୍କବାଦୀମାନେ ଅତି ନୃଶଂସଭାବେ ତାଙ୍କୁ ଘୋଷାରି ଘୋଷାରି ନେଇଥିଲେ। ଅପହରଣର ପାଞ୍ଚ ଦିନ ପରେ ଗୁଳିବିଦ୍ଧ ମୃତଦେହ ଶ୍ରୀନଗରରୁ ଉଦ୍ଧାର କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ, ଫରେନସିକ୍ ପ୍ରମାଣ, ରେକର୍ଡ଼ ଓ ଇଲେକ୍ଟ୍ରୋନିକ ପ୍ରମାଣ ଦ୍ୱାରା ମାମଲାକୁ ପ୍ରସ୍ତୁତ କରାଯାଇଥିଲା। ଅନେକ ଦଶନ୍ଧି ଧରି ଏହି ମାମଲା କୌଣସି ନିଷ୍କର୍ଷରେ ପହଞ୍ଚି ପାରିନଥିଲା। ଆତଙ୍କବାଦୀମାନେ ପ୍ରତ୍ୟକ୍ଷଦର୍ଶୀ ଓ ସାକ୍ଷୀଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇ ଡରାଇ ରଖିଥିଲେ। ଚାର୍ଜସିଟ୍‌ରେ ୟାସିନ ମଲିକ, ଖୁର୍ସିଦ ଅହମଦ ଚଲକୁ, ଅବଦୁଲ ହମିଦ ଶେଖ୍, ମହମ୍ମଦ ୟୁସୁଫ ସୋଫି ଓରଫ ଇଦ୍ରିସ ଓ ଗୁଲାମ ମହମ୍ମଦ ଟପଲୁ ଅଭିଯୁକ୍ତ ବୋଲି ଦର୍ଶାଯାଇଛି। ଶେଖ୍, ସୋଫି ଓ ଟପଲୁର ମୃତ୍ୟୁ ହୋଇସାରିଛି। ଚଲକୁ ପାକିସ୍ତାନ-ଅଧିକୃତ କାଶ୍ମୀରକୁ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ୟାସିନ୍ ବର୍ତ୍ତମାନ ଜେଲରେ ଅଛି।

### ବନ୍ୟା ଯୋଗୁଁ ଆସାମର...

ସ୍ଥାନୀୟ ସୂତ୍ରରୁ ପ୍ରକାଶ ଯେ ପ୍ରାୟ ୧୦୦ ଗୋରୁ ମଧ ଦ୍ୱୀପରେ ଫସି ରହିଛନ୍ତି, ଯାହା ଲୋକଙ୍କ ସୁରକ୍ଷା ଏବଂ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଲେ ଗୋରୁଙ୍କ କ୍ଷତି ବିଷୟରେ ଚିନ୍ତା ବଢ଼ାଇଛି। ସୂଚନା ଅନୁଯାୟୀ, କୋରାଇବାରୀ ଚାର୍ରେ ବନ୍ୟା ପରିସ୍ଥିତି ଆହୁରି ଖରାପ ହେବାରେ ଲାଗିଛି କାରଣ ଜଳସ୍ତର ଆହୁରି ବୃଦ୍ଧି ପାଇଛି, ଯାହା ଦ୍ୱାରା ଫସି ରହିଥିବା ପରିବାର ଏବଂ ଆଖପାଖ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

**Tender Notice**

Office of the Principal Nilamani Mahavidyalaya Rupsa, Balasore

Sealed Tenders are invited from different bidders for the construction of 2nd Floor Academic Building for the session 2026-27 within Seven Days of the publication of this Tender. Detail Plan and Estimate are available in the College Website.

**Sd/-**
**Principal-cum-Secretary**
**Nilamani Mahavidyalaya**
**Rupsa, Balasore**
**E. Mail: mmv.rupsa@gmail.com**

# ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ : ୨୭ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ

ବାରିପଦା, ୨୯/୬ (ନି.ପ୍ର): ବାରିପଦା ତହସିଲ ପକ୍ଷରୁ ରଘୁନାଥପୁର ଲେପ୍ରୋସି କଲୋନୀଠାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୭ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ପଟ୍ଟା ଓ ଶିରୋନାମା ବଣ୍ଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାର ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ରହିଛନ୍ତି। ଜଙ୍ଗଲ ଜମିର ବୈଧ ଅଧିକାର ପ୍ରଦାନ ହିତାଧିକାରୀଙ୍କ ଜୀବନଜୀବିକା ଓ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ ଏବଂ ପୂର୍ବତନ ବିଧାୟକ ଶ୍ରୀ କାନ୍ଦ୍ରା ସୋରେନ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲବାସୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରିଥିଲେ। ବାରିପଦା ତହସିଲଦାର ଶ୍ରୀ ସପନ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜଙ୍ଗଲ ଜମି ଅଧିକାର ପ୍ରଦାନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରେ ମାନ୍ୟବର ମନ୍ତ୍ରୀ ଏବଂ ବାରିପଦା ବିଧାୟକ କେତେକ ହିତାଧିକାରୀଙ୍କ ବାସଭବନକୁ ପରିଦର୍ଶନ କରି ସେମାନଙ୍କ ହାତରେ ଜଙ୍ଗଲ ଜମି ପଟ୍ଟା ଓ ଶିରୋନାମା ପ୍ରଦାନ କରିଥିଲେ। ଏହି ଅବସରରେ ସେମାନେ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ବାରିପଦାର ଅତିରିକ୍ତ ତହସିଲଦାର ଶ୍ରୀ ସଦାନନ୍ଦ ଡେଲକି ଏବଂ ଶ୍ରୀ ଭରତ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ବହୁ ସଂଖ୍ୟକ ହିତାଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଖୁଣ୍ଟାପୁର ଜଗନ୍ନାଥ ମନ୍ଦିରରେ ସ୍ନାନ ବେଦିରେ ମହାପ୍ରଭୁଙ୍କ ଚତୁର୍ଦ୍ଧାମୂର୍ତ୍ତି



ବୈଣିଙ୍ଗା, ୨୯/୬ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନ ପୂର୍ଣିମାରେ ଚତୁର୍ଦ୍ଧାମୂର୍ତ୍ତୀ ସ୍ନାନ ବେଦି କୁ ପହଣ୍ଡି ରେ ଆସି ୧୦୮ ଗରା ଜଳରେ ସ୍ନାନ କରନ୍ତି । ସାରା ଜଗତରେ ଜଗନ୍ନାଥ ପ୍ରେମୀ ମାନେ ନିଜ ନିଜ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ଏହି ସ୍ନାନ ଉତ୍ସବକୁ ପାଳନ କରୁଥିବାର ଦେଖାଯାଇଛି । ଏହାକୁ ନେଇ ବୈଣିଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ରେ ସ୍ନାନପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମାତା ସୁଭଦ୍ରା ଙ୍କ ସହିତ ସୁଦର୍ଶନ ଙ୍କୁ ସ୍ନାନ ବେଦି କୁ ପହଣ୍ଡିରେ ଆଣି ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଇଥିଲେ । ଗ୍ରାମବାସୀ ମାନେ ସଂକୀର୍ତ୍ତନର ତାଳେ ତାଳେ ମସଗୁଲ ହୋଇଯାଇଥିଲେ । ଗଜ ଉଦ୍ଧାରଣ ବେଶରେ ଠାକୁରଙ୍କୁ ସୁସଜ୍ଜିତ କରା ଯାଇଥିଲା । ସେହିପରି ବୈଣିଙ୍ଗା ନିକଟସ୍ଥ କେନ୍ଦୁଆ ପଞ୍ଚାୟତର ପଦ୍ମପୁର ଠାରେ ଥିବା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତୀ ଙ୍କୁ ସ୍ନାନ ବେଦି କୁ ପହଣ୍ଡିରେ ଆଣି ସ୍ନାନ କରିବା ସହିତ କ୍ଷୀରା ଭୋଗ କରା ଯାଇଥିଲା । ଏହି ପରି ମହୁରୀ ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇ ଥିବାର ଜଣାଯାଇଛି । କଳମା ପଞ୍ଚାୟତର କାନ୍ଥି ମଠରେ ମଧ୍ୟ ସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସ୍ନାନ ଉତ୍ସବ ଅନୁଷ୍ଠିତ ହେଉଥିଲା । ଦେବୋତ୍ତର ବିଭାଗ ପକ୍ଷରୁ ଏଠାରେ ନିୟୋଜିତ ଥିବା କର୍ମଚାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ନାନ ଉତ୍ସବ ହୋଇଥିବାର ଜଣାଯାଇଛି ।

# ଉଦ୍ୟମୀ ଓଡ଼ିଶା ଏମ୍‌ଏସଏମ୍‌ଇ କାର୍ଯ୍ୟକ୍ରମର ତୃତୀୟ ଦିନ




ବାଲେଶ୍ୱର, ୨୯/୬ (ନି.ପ୍ର): ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ୫ ଦିନ ବ୍ୟାପି ଚାଲିଥିବା ଉଦ୍ୟମୀ ଓଡ଼ିଶା ଏମ୍ ଏସ ଏମ୍ ଇ କାର୍ଯ୍ୟକ୍ରମ ଆଜି ତୃତୀୟ ଦିବସରେ ସ୍ଥାନୀୟ ନୋସି ବିଜନେସ ପାର୍କ ଠାରେ 'ବିପଣନ, ଡିଜିଟାଲାଇଜେଶନ ଏବିଂ ରପ୍ତାନି ପ୍ରୋତ୍ସାହନ" ଶୀର୍ଷକ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ବିନିମୟ ଅଧିକାରୀ ଶ୍ରୀ ଦୁର୍ଗା ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ପ୍ରତିଯୋଗିତାମୂଳକ ବଜାରରେ ଉଦ୍ୟୋଗୀମାନଙ୍କ ପାଇଁ ଡିଜିଟାଲ ବିପଣନ, ଇ-କମର୍ସ ଏବଂ ରପ୍ତାନି ସୁଯୋଗର ସଦ୍‌ବ୍ୟବହାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ଦାସ, ସହକାରୀ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ମାଣିକଚାନ୍ଦ ଦେ, ସହକାରୀ ପ୍ରାଧ୍ୟାପକ, ଏ ବି ଏ କଲେଜ, ବାଲେଶ୍ୱର ଏବଂ ଧନ ଟୁଡୁ, ସହକାରୀ ନିର୍ଦ୍ଦେଶକ, ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଯୋଗଦେଇ ଏମ୍ ଏସ ଏମ୍ ଇ କ୍ଷେତ୍ରର ବିକାଶ, ଅନଲାଇନ ବ୍ୟବସାୟ, ବ୍ରାଣ୍ଡିଂ ଏବଂ ରପ୍ତାନି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଜିଲ୍ଲାର ଅନ୍ୟୁନ ୧୦୦ ଜଣ ଉଦ୍ୟୋଗୀ ଓ ଆତ୍ମନିର୍ଭର ପ୍ରତି ଆଗ୍ରହୀ ଯୁବକ-ଯୁବତୀମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣେନ୍ଦୁ କର ମଞ୍ଚ ସଂଚାଳନ କରିଥିବା ବେଳେ କ୍ଷୀତିଶ ପଣ୍ଡା, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି, ରାହାଲ ହାଁସଦା ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଶ୍ରୀମତୀ ମମତା ପରିଡ଼ା ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଏବଂ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବସ୍ତା ପୋଲିସକୁ ବଡ଼ ସଫଳତା: ୬୮ କେଜି ଗଞ୍ଜେଇ ଜବତ, ୪ ଗିରଫ ସହ କାର ଜବତ



ବସ୍ତା , ୨୯/୬ (ନି.ପ୍ର): ଗଞ୍ଜେଇ ଚାଲାଣ ଉପରେ କଡାନଜର ରଖିଥିବା ବସ୍ତା ପୋଲିସକୁ ବଡ଼ ସଫଳତା ମିଳିଛି । ଜାତୀୟ ରାଜପଥ ୧୬ ଉପରେ ଚଢାଉ କରି ପୋଲିସ ୬୮ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି । ଏଥିସହ ଚାଲାଣରେ ବ୍ୟବହୃତ ଏକ କାର ମଧ୍ୟ ଜବତ କରାଯାଇଛି । ବାଲେଶ୍ୱର ରୁ ଜଳେଶ୍ୱର ଆଡକୁ ଏକ ଧଳା ରଙ୍ଗର ହୋଣ୍ଡା ସିଟି କାର ଯାହାର ନମ୍ବର ଓଡି ୦୨ ଏକ୍ସ ୫୧୦୩ରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ବସ୍ତା ଥାନା ପୋଲିସ ନିକଟରେ ଗୁପ୍ତ ସୂଚନା ଥିଲା । ସେହି ଆଧାରରେ ଥାନା ଅଧିକାରୀ ରଞ୍ଜିତ ସାହୁଙ୍କ ନିର୍ଦ୍ଦେଶରେ କ୍ରମେ ଏସଆଇ ସନ୍ଦୀପ ଖୁଜୁରଙ୍କ ନେତୃତ୍ୱରେ ବସ୍ତା ବାଇପାସ ନିକଟରେ ନାକାବନ୍ଦି କରାଯାଇଥିଲା । ସନ୍ଦିଗ୍ଧ କାରକୁ ଅଟକାଇ ତଲାସି କରିବା ବେଳେ କାର ସିଟ ତଳେ ଓ ଡିକିରେ ଲୁଚାଇ ରଖାଯାଇଥିବା ୩ ଟି ବସ୍ତାରୁ ମୋଟ ୬୮ କେଜି ଶୁଖିଲା ଗଞ୍ଜେଇ ଜବତ ହୋଇଥିଲା । ଜବତ ଗଞ୍ଜେଇର ଆନୁମା ନିକ ବଜାର ମୂଲ୍ୟ ୬.୮ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ସହ ୩ ଟି ମୋବାଇଲ ମଧ୍ୟ ଜବତ କରାଯାଇଛି । ପୋଲିସ ଘଟଣାସ୍ଥଳରୁ କାରରେ ଥିବା ୪ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବେତନଟି ଥାନା ମଣ୍ଡାପାଳ ଗ୍ରାମର ସୋମନାଥ ବେହେରା(୩୦), ଚନ୍ଦନ ବେହେରା(୨୫), ଦିଲ୍ଲୀପ କୁମାର ବେହେରା(୩୨), ସୁନୀଲ କୁମାର ବେହେରା (୨୫) । ଏହି ଚଢାଉରେ ମାଜିଷ୍ଟ୍ରେଟ ପିଜ୍ୟୁ ସକାନ୍ତ ପ୍ରଧାନ,ଏସ ଆଇ ବିଜୟ କୁମାର ବାରିକ ଓ ବସ୍ତା ଥାନାର ବହୁ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାଥମିକ ପଚରାଉଚରାରୁ ଜଣା ପଡିଛି ଯେ, ରୁଷା ଅଞ୍ଚଳରୁ ଗଞ୍ଜେଇ ଆଣି ଜଳେଶ୍ୱର ଅଞ୍ଚଳରେ ବିକ୍ରି କରାଯାଉଥିଲା । ଏହା ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ରାକେଟ ବୋଲି ସନ୍ଦେହ କରାଯାଉଛି । ଏହି ରାକେଟରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ କରାଯାଉଛି । ଆଗାମୀ ଦିନରେ ଆଉ କିଛି ଗିରଫଦାରୀ ହୋଇପାରେ । ତେବେ ବସ୍ତା ପୋଲିସ କେସ ନଂ ୪୮/୨୬ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି ।

# ଢ଼ିହିରାକୁଳରେ ଦେବସ୍ନାନ ପୂର୍ଣ୍ଣିମା ମହୋତ୍ସବ ପାଳିତ
## ଆଧ୍ୟାତ୍ମିକ ପତ୍ରିକା 'ଜଗମୋହନ'ର ଷୋଡ଼ଶ ଅର୍ଘ୍ୟ ଉନ୍ମୋଚିତ




ଉଦଳା, ୨୯/୬ (ନି.ପ୍ର): ଉଦଳା ପଂଚାୟତ ସମିତି ଅନ୍ତର୍ଗତ ଢ଼ିହିରାକୁଳ ଗ୍ରାମଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ମହୋତ୍ସବ ଆନନ୍ଦଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର କମିଟିର ସଭାପତି ମଧୁସୁଦନ ହାତୀଙ୍କ ସହିତ ଅବସରପ୍ରାପ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହରେକୃଷ୍ଣ ପୃଷ୍ଟି, ସନ୍ତୋଷ ବାଛିନି, ଜୟନ୍ତ କୁମାର ବେହେରା, ପ୍ରମୋଦ କୁମାର ସାହୁ ପ୍ରମୁଖ ଆୟୋଜନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ଆଧ୍ୟାତ୍ମିକ ପତ୍ରିକା 'ଜଗମୋହନ'ର ଷୋଡ଼ଶ ଅର୍ଘ୍ୟ ଉନ୍ମୋଚିତ ହେବା ସାଙ୍ଗକୁ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ସ୍ନାନ ପୂର୍ଣ୍ଣିମାର ବିଶେଷତ୍ୱ ସମ୍ପର୍କରେ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଆଲୋଚକ ଭାବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉଦଳାରେ କାର୍ଯ୍ୟରତ ଡ଼େପୁଟି କଲେକ୍ଟର ପ୍ରତୀକ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଗଜାନନ ବେଶରେ କାହିଁକି ଦର୍ଶନ ଦିଅନ୍ତି ଓ ଏହି ପରମ୍ପରା କେବେ ଠାରୁ ଶ୍ରୀ ମନ୍ଦିରରେ ପ୍ରଚଳିତ ହୋଇ ଆସୁଅଛି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । 'ଜଗମୋହନ' ପତ୍ରିକାର ମୁଖ୍ୟ ସଂପାଦକ ରମେଶ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଦିର୍ଘ ୧୬ ବର୍ଷ ଧରି ଏହି ପତ୍ରିକା କିଭଳି ବଂଚି ରହିଛି ବ୍ୟକ୍ତ କରିଥିଲେ । ଇଂ. ନାରାୟଣ ପୃଷ୍ଟି ମହୋତ୍ସବର ଶେଷ ସ୍ୱର୍ଶ ଦେଇଥିବା ବେଳେ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ଗଣେଶ୍ୱର ବେହେରା, ସର୍ବେଶ୍ୱର ହାତୀ, ପ୍ରଦୀପ କୁମାର ବେହେରା, ବିଶ୍ୱନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଗରମ ଓ ଗୁଳୁଗୁଳି ନେଇ ଆଗାମୀ ୨ ଦିନ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ

ଭୁବନେଶ୍ୱର, ୨୯/୬ (ନି.ପ୍ର): ଗରମ ଓ ଗୁଳୁଗୁଳି ନେଇ ଆଗାମୀ ୨ ଦିନ ପାଇଁ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଗରମ ଓ ଗୁଳୁଗୁଳି ନେଇ ଆଜି ପାଇଁ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡ଼ା । ସେହିପରି ଗରମ ଓ ଗୁଳୁଗୁଳି ନେଇ ଆସନ୍ତାକାଲି ପାଇଁ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡ଼ା ।

# ପ୍ରମାଣ ଅଭାବରୁ ୫ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୨୯/୬ (ନି.ପ୍ର): ଗତ ୨୦୨୨ମସିହା ଅଗଷ୍ଟମାସ ୧୯ ତାରିଖରେ ମାଡମାରି କ୍ଷତାକ୍ତକରିବା ଏବଂ ଅଶ୍ଳୀଳଭାଷାରେ ଗାଳିଗୁଲଜ କରିବାଘଟଣାକୁ ନେଇ ନୀଳଗିରିଥାନାରେ ଅଭିଯୋଗପରେ ୫ଅଭିଯୁକ୍ତଙ୍କୁ ପ୍ରମାଣଅଭାବରୁ ନିର୍ଦ୍ଦୋଷରେ ଖଲାସକରିଛନ୍ତି ନୀଳଗିରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଶ୍ରୋତସିନି କର ।ସୂଚନା ଅନୁଯାୟୀ, ନୀଳଗିରି ଥାନା ସନ୍ତରାଗଡିଆ ନିକଟସ୍ଥ ମାଙ୍କଡ଼ାଗଡିଆ ଗ୍ରାମର ରଘୁନାଥ ପରିଡ଼ାଙ୍କୁ ମନୋରଞ୍ଜନ ପରିଡ଼ା, ପ୍ରତାପ ପରିଡ଼ା, ଗଣେଶ ଚନ୍ଦ୍ର ଦାସ,କୃପାସିନ୍ଧୁ ପରିଡ଼ା ଓ କାଳନ୍ଦ୍ରି ବାରିକ ସଂଘବଦ୍ଧ ଭାବେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହିତ ବିଧାଗୋଇଠା ମାଡ଼ମାରି ଏକ ଲୁହାରଡ଼ରେ ଆଘାତଦେବା ଫଳରେ ରଘୁନାଥ ଗୁରୁତର ଆହତ ହୋଇଥିବା ନେଇ ନୀଳଗିରି ଥାନାରେ କେଶ ନମ୍ବର୍ ୨୪୩ ତା,୧୯/୦୮/୨୨ ମୂଳେ ମାମଲା ରୁଜୁ ହୋଇଥିଲା । ତେବେ ଏହି ମାମଲାର ବିଚାରକରି ସାକ୍ଷ୍ୟପ୍ରମାଣ ଅଭାବରୁ ସମସ୍ତ ମୁଦ୍ଦଲା ମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଶ୍ରୀମତୀ କର । ମୁଦାଲା ମାନଙ୍କ ପକ୍ଷରୁ ଯୁବଆଇନଜୀବୀ କରୁଣାକର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ ।

# ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୨୯/୬ (ନି.ପ୍ର): ଭଦ୍ରକ ଚାନ୍ଦବାଲି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୮୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୧୩୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୪୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୧୧ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ ୨୪,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜ଼ିଲ୍ଲାପାଳ ସରୋଜ ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ , ଜ଼ିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ , ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଟିଜେନ୍ସ ହ୍ୟୁମାନ ରାଇଟସ କାଉନସିଲ ବାରିପଦା ଶାଖାର ପ୍ରଥମ ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ



ବାରିପଦା , ୨୯/୬ (ନି.ପ୍ର): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ସିଟିଜେନ୍ସ ହ୍ୟୁମେନ ରାଇଟସ କାଉନସିଲ, ବାରିପଦା ଶାଖାର ୧ମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ନୂତନ କାର୍ଯ୍ୟନିର୍ବାହୀ କର୍ମକର୍ତ୍ତା ଚୟନ କରାଯାଇଛି ଓ ସଭାପତି - ସ୍ୱରୂପ କୁମାର ବଶା, କାର୍ଯ୍ୟକାରୀ ସଭାପତି - ମୋହନ ବୁର୍ଣ୍ଡୱାଲ, ସାଧାରଣ ସମ୍ପାଦକ - ବିଭୁ ପ୍ରସାଦ ଦାସ, କାର୍ଯ୍ୟନିର୍ବାହୀ ସଚିବ - କନିକା ବୋଷ, ଉପ ସଭାପତି - ମୂର୍ଚ୍ଛନା ଦାସ ପଟ୍ଟନାୟକ, ଦିଲ୍ଲୀପ କୁମାର ଦାଶଶର୍ମା ଓ ସଞ୍ଜୟ କୁମାର ନାୟକ, ସହ ସମ୍ପାଦକ - ପ୍ରଣତି ଦାସ, ମନୋଜ କୁମାର ସାହୁ ଓ ବିବେକାନନ୍ଦ ପାତ୍ର, ସାଙ୍ଗଠନିକ ସମ୍ପାଦକ - ସୋମନାଥ ସିଂହ, କୋଷାଧ୍ୟକ୍ଷ - ଅଶ୍ୱିନୀ କୁମାର ଦାସ, ସହ କୋଷାଧ୍ୟକ୍ଷ - ଶୋଭନା ସାହୁ ଏବଂ କାର୍ଯ୍ୟକାରୀ ଅଧିକାରୀ - ଅରୁଣ କୁମାର ଦାସ, ଜଗନ୍ନାଥ ମିଶ୍ର, ଦେବାଶିଷ ଦାସ, ଗୋକୁଳ ଚନ୍ଦ୍ର ଦାସ, ନମିତା ସେଠି, ସୋନାଲି ସୋରେନ, ସର୍ବତୋଷ ଦାସ, ଅଶ୍ୱନୀ କୁମାର ବ୍ରହ୍ମା ଓ ବିଶ୍ୱଜିତ ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି ଓ ତତସହିତ ସଂଗଠନର ପେଟ୍ରୋନ ଭାବେ ମନୋଜ କୁମାର ଷେଣ୍ଡ, ନାରୀ ସମ୍ମେଳନ ମୁଖ୍ୟ ଭାବେ ସୁଧାମୟୀ ଦାସ, ପ୍ରସ୍ତାହନ ଅଧିକାରୀ ଭାବେ ବିରେନ କୁମାର ସାହୁ, ଦ୍ୱୈତ କୁମାର ପଟନାୟକ ଓ ରାଜ ଗୁପ୍ତା, ମେଗାଜିନ ଓ ସାଂସ୍କୃତିକ ସଚିବ ଭାବେ ଆଶିଷ କୁମାର ବଶା, ପ୍ରଫେସର ସ୍ୱରୂପ କୁନାର ପଟ୍ଟନାୟକ, ଆଇନ ସହାୟତା କମିଟିର ସଚିବ ଜ୍ୟୋତି ପ୍ରକାଶ ରଥ, ସଭ୍ୟ କ୍ଷେତ୍ରମୋହନ ପଣ୍ଡା ଓ ଅନିଲ ବେହେରା ମନାନୀତ ହୋଇଛନ୍ତି ଓ ସମସ୍ତ ଚୟନ ହୋଇଥିବା କର୍ମକର୍ତ୍ତା ସଂଗଠନକୁ ଦୃଢ଼ୀଭୁତ କରିବା ପାଇଁ ଶପଥ ନେଇଥିଲେ ଓ ନିଜ ନିହାର ବକ୍ତବ୍ୟ ରଖିଥିଲେ ଓ ଅନୁଷ୍ଠାନର ବରିଷ୍ଠ ପରାମର୍ଶଦାତା ଡ. ଶ୍ୟାମସୁନ୍ଦର ଦାସ ଓ ଡ. ବିଜୟ କୁମାର ଅଗ୍ରୱାଲ ସମସ୍ତ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ମାଧ୍ୟମରେ କିପରି ମାନବିକ ଅଧିକାର ଓ ତାର ସୁରକ୍ଷା ହୋଇପାରିବ ସେ ବିଷୟରେ ସଭାପତି ଶ୍ରୀ ବଶା ଆଲୋକପାତ କରିଥିଲେ ।

# ଭଦ୍ରକରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ




ଭଦ୍ରକ, ୨୯/୬ (ନି.ପ୍ର): ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ସଭାଭବନ ସଭାଗୃହରେ ରବିବାର ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍, ଭଦ୍ରକ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ରବିନାରାୟଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଶ୍ରୀଯୁକ୍ତ ପ୍ରହ୍ଲାଦ ରଣା, ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ) ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ନାୟକ, ଯୋଜନା ବିଭାଗର ଆର୍ଥିକ ବିଶେଷଜ୍ଞ ଡ. ଭଗବାନ ବାରିକ, ଉଦ୍ୟାନ କୃଷି ବିଭାଗର ଅଧିକାରୀ, କ୍ଷେତ୍ରସ୍ତରୀୟ ପରିସଂଖ୍ୟାନ କର୍ମଚାରୀ ଏବଂ ଯୋଜନା କର୍ମଚାରୀମାନେ ଉପସ୍ଥିତ ଥିଲେ ।ଚଳିତ ବର୍ଷର ଜାତୀୟ ପରିସଂଖ୍ୟାନ ଦିବସର ବିଷୟବସ୍ତୁ ଥିଲା 'ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉନ୍ମୋଚନ । ଆଲୋଚନାରେ ପ୍ରଶାସନିକ ତଥ୍ୟର ଗୁରୁତ୍ୱ, ପ୍ରଖ୍ୟାତ ପରିସଂଖ୍ୟାନବିତ୍ ପ୍ରଫେସର ପି. ସି. ମହାଲାନୋବିସଙ୍କ ଅବଦାନ, ସଠିକ୍ ତଥ୍ୟ ଓ ବିଶ୍ୱସନୀୟ ପରିସଂଖ୍ୟାନ ସୁଶାସନର ମୂଳଦୁଆ ବୋଲି ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହ ଏକ ସୁଦୃଢ଼ ପରିସଂଖ୍ୟାନ ବ୍ୟବସ୍ଥା ଗଠନ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ ।ଏହି ଅବସରରେ ଜୁନ ୨୮ ତାରିଖରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ମୁଢ଼ିଭାଟି ମାଲିକ ବିଦ୍ୟୁତ ଆଘାତରେ ମୃତ

ଭଦ୍ରକ, ୨୯/୬ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ତିହିଡ଼ି ଗ୍ରାମର ଶଶିକାନ୍ତ ପଣ୍ଡା (୪୦) ନାମକ ଜଣେ ଯୁବକଙ୍କର ସୋମବାର ସକାଳେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ଶଶିକାନ୍ତ ସକାଳ ପ୍ରାୟ ୮ଟା ସମୟରେ ଗ୍ରାମରେ ଥିବା ତାଙ୍କ ମୁଢ଼ି ଭାଟି ଖୋଲି ଧୂପ ଦେଇଥିଲେ । ପରେ ଭାଟିରେ ସେ କୌଣସି କାରଣରୁ ବିଦ୍ୟୁତ ଆଘାତ ପାଇଥିଲେ । ଗୁରୁତର ଅବସ୍ଥାରେ ଶଶିକାନ୍ତଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତିହିଡ଼ି ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଶଶିକାନ୍ତଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକ ଛାୟା ଖେଳିଯାଇଛି ।ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଡାକ୍ତର ଖାନରେ ପହଂଚିଥିଲେ ।

# ବଜାରରେ ସୁନା-ରୂପା ସାମାନ୍ୟ ହ୍ରାସ

ନୂଆଦିଲ୍ଲୀ, ୨୯/୬ (ନି.ପ୍ର): ଘରୋଇ ସୁନା ବଜାରରେ ଆଜି ପ୍ରାରମ୍ଭିକ କାରବାରରେ ଦୁର୍ବଳତା ଦେଖାଯାଇଛି । ମୂଲ୍ୟ ହ୍ରାସ ହେତୁ ଆଜି ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧୪୩,୯୪୦ ଟଙ୍କା ସ୍ତରରେ କାରବାର କରୁଛି, ଯାହା ୧୦ ଗ୍ରାମ ପିଛା ୧୪୫,୮୫୦ ଟଙ୍କା ରହିଛି । ସେହିଭଳି, ୨୨ କ୍ୟାରେଟ୍ ସୁନା ଆଜି ୧୦ ଗ୍ରାମ ପିଛା ୧,୩୧,୯୪୦ ଟଙ୍କା ରୁ ୧,୩୩,୬୯୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ରୂପା ମୂଲ୍ୟରେ ସାମାନ୍ୟ ହ୍ରାସ ହେତୁ ଆଜି ଦିଲ୍ଲୀ ସୁନା ବଜାରରେ ମୂଲ୍ୟବାନ ଧାତୁ କିଲୋଗ୍ରାମ ପିଛା ୨୩୯,୯୦୦ ଟଙ୍କାରେ ବିକ୍ରି ହେଉଛି ।ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ଆଜି ୧୦ ଗ୍ରାମ ପିଛା ୧,୪୪,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧,୩୨,୦୯୦ ଟଙ୍କା ରହିଛି । ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧୪୩,୯୪୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧୩୧,୯୪୦ ଟଙ୍କାରେ ବିକ୍ରି ହେଉଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida